## ଜିଲ୍ଲାରେ ଅଧାରୁ ଅଧିକ ଡାକ୍ତର ନାହାନ୍ତି

# ମଞ୍ଜୁର ୩୧୨; ଖାଲି ପଡ଼ିଛି ୨୦୫

ଭଦ୍ରକ, ୧୦।୧୨(ସମିସ)

ସରକାର ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ପ୍ରାଥମିକତା ଦେଉଥିବା କହୁଥିବା ବେଳେ ନିକଟରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାକୁ ଘୋଷଣା କରିଥିଲେ। ଆଉ ଜିଲ୍ଲାରେ ଏକ ମେଡିକାଲ ପ୍ରତିଷ୍ଠା ଲାଗି ପୁଣି ଦାବି ଜୋର ଧରିବାରେ ଲାଗିଛି। ତେବ ବାସ୍ତବରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସ୍ଥିତି ସମ୍ପୂର୍ଣ୍ଣ ବିଗିଡି ଯାଇଛି। ଜିଲ୍ଲାରେ ମଞ୍ଜୁର ପ୍ରାପ୍ତ ୩୧୨ଜଣ ସରକାରୀ ଡାକ୍ତର ପଦବୀରୁ ୨୦୫ଟି ପଦବୀ ଖାଲି ଗଡୁଛି। ମାତ୍ର ୧୦୭ଜଣ ଡାକ୍ତର ଅଛନ୍ତି। ଏମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ମେଡିକାଲ ଅଫିସର ତଥା ସୁପରିଟେଣ୍ଡାଣ୍ଟ ପଦବୀ ସହ ଏଡିପିଏଚ୍‌ଓ (ଭିବିଡି) ପଦବୀଟି ଗତ ୭ମାସରୁ ଅଧିକ ହେବ ହେବ ଖାଲିପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସ୍ୱାସ୍ଥ୍ୟସେବାର ପ୍ରମୁଖ ଦାୟିତ୍ୱ ତୁଲାଉଥିବା ସରକାରୀ ଡାକ୍ତରଙ୍କ ମଞ୍ଜୁର ପଦବୀରୁ ୬୧ପ୍ରତିଶତରୁ ଅଧିକ ଖାଲି ପଡ଼ିଛି। ଫଳରେ ରୋଗୀ ସେବା ଘୋର ବିପର୍ଯ୍ୟସ୍ତ ହୋଇ ଲୋକେ ବ୍ୟୟବହୁଳ ଘରୋଇ ଚିକିତ୍ସା ହେବାକୁ ବା ହେଉଛନ୍ତି। ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ପେରିଫେରିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ମଞ୍ଜୁର ହୋଇଥିବା ବିଶେଷଜ୍ଞ ଡାକ୍ତର ପଦବୀରୁ ୨୩ଜଣ ବିଶେଷଜ୍ଞ ବା ସ୍ପେଶାଲିଷ୍ଟ ଡାକ୍ତରଙ୍କ ପଦବୀ ଖାଲି ପଡ଼ିଛି। ବିଶେଷ କରି ଜିଲ୍ଲାରେ ଜଣେ ହେଲେ ସରକାରୀ ଚର୍ମରୋଗ, ହୃଦ୍‌ରୋଗ ଓ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଫଳରେ ଗୁରୁତ୍ୱପୂର୍ଣ୍ଣ ଏହି ୩ଟି ବର୍ଗର ରୋଗୀମାନେ ବାହାରୁ ଆସୁଥିବା ବିଭିନ୍ନ କ୍ଲିନିକ୍‌କୁ ଯାଇ ବ୍ୟୟବହୁଳ ଚିକିତ୍ସା ହୋଇ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ୧ଅସ୍ଥିଶଲ୍ୟ ବିଶେଷଜ୍ଞ, ୧ଶିଶୁରୋଗ ବିଶେଷଜ୍ଞ, ୨ଶଲ୍ୟ ବିଶେଷଜ୍ଞ, ୩ଜଣ ନିଶା ବା ନିଷ୍ଚେତକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଡାକ୍ତର ଅଭାବ ସମସ୍ୟା ଯୋଗୁଁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା ଏହାଯୋଗୁଁ ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଉଛି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

**● ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ମେଡିକାଲ ଅଫିସର ଓ ଏଡିପିଏଚ୍‌ଓ ପଦ ଖାଲି**
**● ନାହାନ୍ତି ହୃଦ୍‌ରୋଗ, ମାନସିକ ଓ ଚର୍ମରୋଗ ବିଶେଷଜ୍ଞ**

ବା ହେଡ୍‌କ୍ୱାଟର ହସ୍ପିଟାଲ ଉପରେ ଜିଲ୍ଲାବାସୀଙ୍କ ସମେତ ପଡୋଶୀ ତଥା ଜିଲ୍ଲା ଉପକଣ୍ଠରେ ଥିବା ବାଲେଶ୍ୱର, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରପଡ଼ା ଜିଲ୍ଲାର ବହୁ ଅଞ୍ଚଳରୁ ଲୋକେ ଚିକିତ୍ସା ପାଇଁ ଭରସା କରିଥାନ୍ତି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟାନୁଯାୟୀ, ଦୈନିକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୪୫୦ରୁ ଅଧିକ ବିଭିନ୍ନ ବର୍ଗର ରୋଗୀ ଦାଖଲ ହେବାକୁ (ଆଇପିଡି)କୁ ଆସୁଥିବା ବେଳେ ବହିର୍ବିଭାଗ(ଓପିଡି)କୁ ଦୈନିକ ୧୪୦୦ରୁ ଅଧିକ ରୋଗୀ ଚିକିତ୍ସା ହେବାକୁ ଆସିଥାନ୍ତି। ଏପରିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସରକାରୀ ମଞ୍ଜୁର ଡାକ୍ତର ପଦବୀ ସଂଖ୍ୟା ହେଉଛି ୧୪୧। ତେବେ ଏଠାରେ ୧୦୨ସରକାରୀ ଡାକ୍ତର ପଦବୀ ଖାଲି ପଡ଼ିଛି। ମାତ୍ର ୩୯ ଜଣ ଡାକ୍ତରଙ୍କ ହାତରେ ରୋଗୀ ସେବା ନ୍ୟସ୍ତ ହୋଇଛି। ଫଳରେ ଉପଯୁକ୍ତ ସେବାରୁ ରୋଗୀ ବଞ୍ଚିତ ହେବା ସାର ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ଥିବା ୫୦ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ମାନଙ୍କରେ ୬୦ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଛି। ଅନୁରୂପ ଭାବେ ଜିଲ୍ଲାରେ ଥିବା ୭ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବା ସିଏଚ୍‌ସି-ବରପଦା, ତିହିଡି, ଚାନ୍ଦବାଲି, ଆଗରପଡ଼ା, ଭଣ୍ଡାରିପୋଖରୀ, ଧାମନଗର ଓ ବାସୁଦେବପୁର ମଧ୍ୟ ସରକାରୀ ଡାକ୍ତରଙ୍କ ସହ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ମେଡିସିନ ବା ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିବା ସହ ୧୫ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ବରପଦା ସିଏଚ୍‌ସିରେ ୧୭ଟି ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ୩ଟି ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। କେବଳ ଜଣେ ମହିଳା ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ଥିବା ବେଳେ ଅତ୍ୟାବଶ୍ୟକ ଭେଷଜ, ଶଲ୍ୟ ଓ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଞ୍ଜୁର ୨୧ଡାକ୍ତର ପଦବୀରୁ ଅଛନ୍ତି ୫, ନାହାନ୍ତି ୧୬ ଡାକ୍ତର। ୪ ମଞ୍ଜୁରପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀରୁ ଏକମାତ୍ର ଭେଷଜ ବିଶେଷଜ୍ଞ ନାହାନ୍ତି। ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରପ୍ରାପ୍ତ ୨୧ରୁ ୧୪ଡାକ୍ତର ପଦବୀ ଖାଲି ଥିବା ବେଳେ ଅଛନ୍ତି ୭। ଏକମାତ୍ର ଭେଷଜ ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ମଞ୍ଜୁରପ୍ରାପ୍ତ ଡାକ୍ତର ପଦବୀରୁ ୧୦ଡାକ୍ତର ନାହାନ୍ତି, ଅଛନ୍ତି ୧୧। ସେହିଭଳି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଭୁଷୁଡି ପଡ଼ିଛି କହିଲେ ଚଳେ। କାରଣ ଏଠାରେ ମଞ୍ଜୁରପ୍ରାପ୍ତ ୪ ବିଶେଷଜ୍ଞ ଡାକ୍ତର ପଦବୀ ମଧ୍ୟରୁ କେବଳ ଭେଷଜ ବିଶେଷଜ୍ଞଙ୍କୁ ଛାଡି ଦେଲେ ଅନ୍ୟ କେହି (ଶିଶୁ, ମହିଳା ଓ ପ୍ରସୂତୀ, ଶଲ୍ୟ) ବିଶେଷଜ୍ଞ ଡାକ୍ତର ନାହାନ୍ତି। ସେଠାରେ ମଞ୍ଜୁର ୨୧ଡାକ୍ତର ପଦବୀରୁ ମାତ୍ର ୯ଜଣ ଥିବା ବେଳେ ୧୨ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ଜିଲ୍ଲାର ଅନ୍ୟତମ ପ୍ରମୁଖ ତଥା ବ୍ୟସ୍ତବହୁଳ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଆହୁରି ଶୋଚନୀୟ। ତିହିଡିରେ ମଞ୍ଜୁରପ୍ରାପ୍ତ ୨୧ସରକାରୀ ଡାକ୍ତର ପଦବୀ ମଧ୍ୟରୁ ଅଧାରୁ କମ୍ ଅର୍ଥାତ ୧୦ଜଣ ଡାକ୍ତର କାର୍ଯ୍ୟରତ ଥିବା ବେଳେ ଖାଲି ପଡ଼ିଛି ୧୧ଡାକ୍ତର ପଦବୀ। ସେହିଭଳି ତିହିଡିରେ ମଞ୍ଜୁରପ୍ରାପ୍ତ ୪ଟି ବିଶେଷଜ୍ଞ ପଦବୀରୁ ଗୁରୁତ୍ୱପୂର୍ଣ୍ଣ ଭେଷଜ, ଶଲ୍ୟ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ଥିବାରୁ ରୋଗୀମାନେ ପ୍ରତିଦିନ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଅନୁରୂପଭାବେ ଜିଲ୍ଲାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବାସୁଦେବପୁର, ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଟେଣ୍ଡାଣ୍ଟ ପଦବୀ ଖାଲି ରହିଛି। ସେହିଭଳି ଅଲିନଗର, ତିଆଡିସାହି, ପୀରହାଟ ଓ ବାହାବଳପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେହି ମେଡିକାଲ ଅଫିସର ନାହାନ୍ତି। ଜିଲ୍ଲାରେ ମେଡିକାଲ କଲେଜ ଦାବି ଆରମ୍ଭ କରିଥିବା ବେଳେ ଜିଲ୍ଲାରେ ୬୦ରୁ ଅଧିକ ଭାଗ ଡାକ୍ତର ଅଭାବ ସମସ୍ୟା ଓ ହୃଦ୍‌ରୋଗ, ଚର୍ମ, ମାନସିକ ଓ ରେଡିଓଲୋଜି ଭଳି ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ପଦବୀ ନଥିବା ଘଟଣା ବହୁ ବୁଦ୍ଧିଜୀବୀ ତଥା ସାଧାରଣ ରୋଗୀଙ୍କୁ ବେଶ ବ୍ୟଥିତ କରିଛି। ଏଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ର ଶୁଭଦୃଷ୍ଟି ପଡ଼ିବା ଜରୁରି ବୋଲି ଦାବି ହେଉଛି।

■ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ କାର୍ଯ୍ୟ ନିମ୍ନମାନର

## ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ଦାବି



ଅସୁରାଳି, ୧୦।୧୨(ସମିସ): ଧାମନଗର ପଞ୍ଚାୟତ ସମିତି ଅଧୀନରେ ପ୍ରାୟ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ଚାଲୁରହିଛି। ମାତ୍ର ଗୋବିନ୍ଦପୁର, ଗଡିଆଳି, କଟସାହି, ସହିଦନଗର ଏମିତି ବହୁ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥା ନ କହିବା ଭଲ। ବିଶେଷ କରି ଗୋବିନ୍ଦପୁର ପଞ୍ଚାୟତର କୋରୁଆଠାରେ ନିର୍ମାଣ ହେଉଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଛାତ ପଡ଼ି ସାରିଥିଲେ ମଧ୍ୟ ଠିକ୍ ଅନୁପାତରେ ରଡ ଓ ସିମେଣ୍ଟର ବ୍ୟବହାର ହୋଇନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନରୁ ପ୍ରଥମ ମହଲା ହୋଇ ଦ୍ୱିତୀୟ ମହଲା ଛାତ ପଡ଼ିବାକୁ ବସିଲାଣି ହେଲେ ନା ସେ କଂକ୍ରିଟ୍‌ରେ ପାଣି ଦିଆଯାଉନି କି କାମର ଅଗ୍ରଗତି ହେଉଛନାହିଁ। ସ୍ଥାନୀୟ ଲୋକ କହିବା କଥା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଅଟକଳ ବଜେଟ ୩୦ ଲକ୍ଷ ୨୭ ହଜାର ୭୯୩ଟଙ୍କାର ବ୍ୟୟ ବରାଦରେ ହୋଇଥିବା ପ୍ରକଳ୍ପରେ ଏତେ ନିମ୍ନମାନର କାର୍ଯ୍ୟ କିପରି ଜନ ସାଧାରଣଙ୍କ ହିତରେ ଲାଗିବ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ବ୍ୟବହୃତ କଞ୍ଚାମାଲ ଅତି ନିମ୍ନମାନର। କନିଷ୍ଠ ଯନ୍ତ୍ରୀ ରାଜୀବ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ ଖୁବ୍‌ଶୀଘ୍ର ତଦାରଖ କରି ଆବଶ୍ୟକୀୟ ସ୍ଥଳେ ପଦକ୍ଷେପ ଗ୍ରହଣ କରିବେ।

■ ନିକୃଷ୍ଟ ବିହନ ନା' ଦାନା ପ୍ରଭାବ

## ଅଧା ଧାନ କେଣ୍ଡାକୁ ନେଇ ଚିନ୍ତାରେ ଚାଷୀକୁଳ



ବାରିକପୁର, ୧୦।୧୨(ସମିସ):ଚଳିତ ବର୍ଷ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ପ୍ରାୟ ୧୬ହଜାର ହେକ୍ଟରୁ ଅଧିକ କ୍ଷେତରେ ଖରିଫ ଧାନ ଚାଷ ହୋଇଛି। ନିଅଣ୍ଟିଆ ବର୍ଷା ସତ୍ତ୍ୱେ କେନାଲ ପାଣିକୁ ନେଇ ପାଗ ଅନୁକୂଳ ହେବାରୁ ଫସଲ ଭଲ ହୋଇଥିବା ଜଣାପଡ଼ିଛି।ଏବେ ବିଭିନ୍ନ ଅଞ୍ଚଳରେ ଧାନ ପାଚି ଯାଇଥିବା ବେଳେ ସେଗୁଡିକ କାଟିବା ପାଇଁ ଚାଷୀ ସଜବାଜ ହେଲେଣି। ଏପରିକି କେତେକ ସ୍ଥାନରେ ସହଳ କିସମର ଧାନ କଟା ହୋଇ ଖଳା ବାଡ଼ିକୁ ଆସିଲାଣି। ଏହାରି ମଧ୍ୟରେ କିଛି ମଧ୍ୟମ ଓ କ୍ଷୁଦ୍ର ଚାଷୀ ଏବେ ଚିନ୍ତାରେ ପଡ଼ିଥିବା ଜଣାଯାଇଛି। ଚାଷୀ ମାନଙ୍କ କ୍ଷେତରେ ଧାନ ଗଛ ଗୁଡିକ ଗୋଟାଏ ଲେଖାଁ କେଣ୍ଡା ଦେଇଥିବା ବେଳେ ଏଥିରୁ ଅର୍ଦ୍ଧାଧିକ ଭାଗ ଅଗାଡି ହୋଇଯାଉଛି। ଏପରିକି କିଛି ଶସ୍ୟ ପାଚିବାକୁ ମଧ୍ୟ ବିଳମ୍ବିତ ହେଉଛି। ଯେଉଁ ଚାଷୀ ମାନେ ଦୁଇତିନି ଏକର ଚାଷ କରିଥିଲେ ସେମାନଙ୍କର ଅର୍ଦ୍ଧାଧିକ ଜମି ଏବେ ସେହି ଅବସ୍ଥାରେ ରହିଛି। କେତେକ କହୁଛନ୍ତି ଯେ ନିକୃଷ୍ଟ ମାନର ବିହନ ଯୋଗୁଁ ଧାନ ଏମିତି ହେଇଥିବା ବେଳେ ଆଉ କେତେକ କହୁଛନ୍ତି 'ଦାନା' ବାତ୍ୟା ପ୍ରଭାବରେ ଚାଷ ଜମିର ଅବସ୍ଥା ଏଭଳି ହୋଇଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି ମଧ୍ୟମ ଓ କ୍ଷୁଦ୍ର ଚାଷୀ ମାନେ ଯେଉଁ ଚାଷ କରିଥିଲେ ସେମାନେ ଏବେ ଘୋର କ୍ଷତି ସହିବାକୁ ଯାଉଛନ୍ତି। ବ୍ଲକର ବିଷ୍ଣୁପୁର ଠାରୁ ଆରମ୍ଭ କରି ମଞ୍ଜୁରୀରୋଡ଼୍, ଆଖୁଆପଦା ଓ ମାଳଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଧାନ କ୍ଷେତର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ତେଣୁ ଏହା ଉପରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ଚାଷୀ ମାନେ ଦାବି ଜଣାଇଛନ୍ତି।

## ଇଛଦାରୁ କଲ୍ୟାଣୀ ପୂର୍ତ୍ତ ରାସ୍ତା ନିର୍ମାଣ

# ଅବଧି ସରିବାକୁ ବସିଲାଣି; କାମ ଅଧା ହୋଇନି

ଧାମନଗର, ୧୦।୧୨(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଇଛଦା ରାଜେନ୍ଦ୍ରପୁର ଠାରୁ କଲ୍ୟାଣୀ ଭାୟା ଚୁଡ଼ାକୁଟି ପିଚୁ ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ନିମ୍ନମାନର କାମ ହେବା ଫଳରେ ବିଭିନ୍ନ ଗ୍ରାମ ମଧ୍ୟ ଦେଇ ଯାଇଥିବା ଏହି ପୂର୍ତ୍ତ ବିଭାଗ ରାସ୍ତାରେ ଦୈନିକ ଯାତାୟତ କରୁଥିବା ଶହ ଶହ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ରାସ୍ତାରେ ଦୁର୍ଘଟଣାରରେ ଶିକାର ହେଉଛନ୍ତି।

ସୂଚନା ମୁତାବକ ଭଦ୍ରକ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଜାତୀୟ ରାଜପଥ-୧୬ ନିକଟସ୍ଥ ଇଛଦା ରାଜେନ୍ଦ୍ରପୁରଠାରୁ କଲ୍ୟାଣୀ ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ପିଚୁ ରାସ୍ତାଟି ଅନେକ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା। ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବର୍ଷ ୨୦୨୩-୨୪ରେ ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ନବୀକରଣ ନିମନ୍ତେ ୬ କୋଟି ୭୨ ଲକ୍ଷ୍ୟ ୧୪ ହଜାର ଟଙ୍କାର ଟେଣ୍ଡର ପରେ ଠିକାଦାରଙ୍କ ସହ ଚୁକ୍ତିନାମା ହୋଇଥିଲା। ଚୁକ୍ତି ଅନୁଯାୟୀ ଉକ୍ତ କାର୍ଯ୍ୟ ୮ ଫେବୃଆରୀ-୨୪ରୁ ଆରମ୍ଭ କରି ଆସନ୍ତା ୭ ଜାନୁଆରୀ ୨୦୨୫ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଅବଧି ଶେଷ ହେବାକୁ ମାତ୍ର ଏକ ମାସ ରହିଥିଲେ ମଧ୍ୟ ଅଦ୍ୟାବଧି ଏହାର ଅଧା କାମ ହୋଇନାହିଁ। କୌଣସି ସରକାରୀ ପ୍ରକଳ୍ପ ନିର୍ମାଣ ପୂର୍ବରୁ ଜନସାଧାରଣଙ୍କ ପାଇଁ କାର୍ଯ୍ୟର ଫଳକ ସ୍ଥାପନ କରିବା କଥା; ହେଲେ ଏଠାରେ ଠିକାଦାର ପକ୍ଷରୁ ସେପରି ହୋଇନାହିଁ। ଚୁକ୍ତି ଅନୁଯାୟୀ ଏହି ରାସ୍ତା ନିର୍ମାଣ ବେଳେ ଓସାର ୩.୭୫ ମିଟର ଅର୍ଥାତ ପାଖାପାଖି ୧୨ ଫୁଟ ହେବା କଥା, ହେଲେ କେଉଁଠି ୧୦ ଫୁଟ ଆଉ କେଉଁଠି ୧୧ ଫୁଟ ନିର୍ମାଣ କରାଯାଉଛି। ପ୍ରଥମେ ପୁରୁଣା ରାସ୍ତାକୁ ଖୋଳି ବାହାର କରି ସେସବୁକୁ ରୋଲିଂ ପରେ ମେଣ୍ଟାଲ, ଚିପ୍ସ ଏବଂ ଡଷ୍ଟ ଦେବା ପରେ ରୋଲିଂ କରିବା କଥା; କିନ୍ତୁ ଏଠାରେ ରାସ୍ତାକୁ ଠିକ ଭାବେ ନ ଖୋଳି ଏଥିରେ କେବଳ ଡଷ୍ଟ ପକାଯାଇଛି। ସେହିପରି ନିର୍ମାଣ ହେଉଥିବା ରାସ୍ତାଟି ବନ୍ୟା ଅଞ୍ଚଳ ମଧ୍ୟର ଯାଉଛି। ଉକ୍ତ ଅଞ୍ଚଳରେ ପ୍ରତିବର୍ଷ ବର୍ଷା ଦିନେ ରେବ ନଦୀର ବନ୍ୟା ଆସି ରାସ୍ତାଘାଟ ସବୁ ବୁଡି ବନ୍ୟାପାଣି ଜମି ରୁହେ। ଯଦି ରାସ୍ତାର ଉଭୟ ପାର୍ଶ୍ୱରେ ୩ଫୁଟର ଗଭୀର ଓ ୨ଫୁଟ ଓସାର କରାଯାଇ ସେଥିରେ ମେଣ୍ଟାଲ ମିଶା ଡଷ୍ଟ ଦିଆଯାଏ। ରାସ୍ତାଟି ମଜବୁତ୍ ହେବା ସହ ଅନେକ ଦିନ ସ୍ଥାୟୀ ରହିବ। କିନ୍ତୁ ଠିକାଦାର ଏଠାରେ ତାହା ନକରି ମନଇଛା ମୁତାବକ ମାତ୍ର ଅଳ୍ପ ଦୂରତା କରି ଛାଡ଼ିଦେଉଛି। ଯାହାକୁ ନେଇ ରାସ୍ତାର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ ଉଠିଛି। ନିର୍ମାଣ ଧୀନ ରାସ୍ତାରେ କିଛି ମିଟର କଂକ୍ରିଟ କରାଯାଉଛି। ବାସ୍ତବରେ କେଉଁ କେଉଁ ସ୍ଥାନରେ କଂକ୍ରିଟ ହେବ କିମ୍ବା ଅନ୍ୟ କେଉଁଠି ପିଚୁ ରାସ୍ତା ତାହା ବି ମଧ୍ୟ ବିଭାଗୀୟ ଯନ୍ତ୍ରୀ ଅସ୍ପଷ୍ଟ କରିଛନ୍ତି। ମଝିରେ ମଝିରେ ଯେଉଁ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି ସେଥିରେ ମଧ୍ୟ ବ୍ୟାପକ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ କଂକ୍ରିଟ ଢଳେଇ ଭାଗମାପ ମେଣ୍ଟାଲ୍, ବାଲି ଓ ଚିପ୍ସରେ ଅନୁପାତ ୪:୩:୧ ହେବା କଥା ହେଲେ ଠିକାଦାର ଏଠାରେ ତାହା ନକରି ଭାଗ ମାପରେ ଅତ୍ୟଧିକ ବାଲି ଦେବା ସହ କମ୍ ପରିମାଣରେ ସିମେଣ୍ଟ ଦିଆଯାଉଛି। ସେହିପରି କଂକ୍ରିଟ ରାସ୍ତା ନିର୍ମାଣରେ ଚିଲ୍ଲା ମେଣ୍ଟାଲ, ମାଟି ମିଶା ବାଲି ସହ ନିମ୍ନମାନର ସିମେଣ୍ଟ ବ୍ୟବହାର କରାଯିବା ସହ କଂକ୍ରିଟ ମୋଟେଇ ମଧ୍ୟ ମଧ୍ୟ କମ ରହୁଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ବିରୋଧ କରିବା ସହ କିଛିଦିନ ପୂର୍ବରୁ ରାସ୍ତା କାମକୁ ବନ୍ଦ ରଖିଥିଲେ।ଆହୁରି ମଧ୍ୟ ଏହି ରାସ୍ତା ନିର୍ମାଣ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ନେଇ ଠିକାଦାର ମନ ଇଚ୍ଛା ମୁତାବକ ତିଆରି କରୁଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ନବଘନ ମାରାଣ୍ଡି କହିଛନ୍ତି ଯେଉଁଠି ରାସ୍ତା କାମ ଖରାପ ହେଉଥିବ ସେଠାରେ ଯାଞ୍ଚ କରାଯାଇ ପୁନଃ ନିର୍ମାଣ ହେବ ବୋଲି ଗଣମାଧ୍ୟମକୁ କହିଛନ୍ତି।



## ସାଂସଦଙ୍କୁ ଭେଟିଲେ ଧୂଷୁରୀର ବୁଦ୍ଧିଜୀବୀ

ଅସୁରାଳି, ୧୦।୧୨(ସମିସ): ଧୂଷୁରୀର ବୁଦ୍ଧିଜୀବୀ କିଛି ଯୁବ ବର୍ଗ ସ୍ଥାନୀୟଅଞ୍ଚଳର ସମସ୍ୟାକୁ ନେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ଘାଟକୁଳ ଛକର ବିଭିନ୍ନ ପ୍ରକାର ବିକାଶ ମୂଳକ କାର୍ଯ୍ୟ ପାଇଁ ସାଂସଦଙ୍କୁ ଅଞ୍ଚଳବାସୀ ଅନୁରୋଧ କରିଥିଲେ। ଯେପରିକି ଗଜଲକ୍ଷ୍ମୀ କଲ୍ୟାଣ ମଣ୍ଡପର ପୂର୍ଣ୍ଣାଙ୍ଗ, ଶ୍ମଶାନ ଘାଟ, କୋଚିଳା ନଦୀ ଘାଟ, ଚାଷ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ନଦୀର ପାଣି ନାଳ ସଫେଇ, ଛକରେ ବିଶୁଦ୍ଧ ପାନୀୟ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବସ୍ ରହଣି ସ୍ଥଳ ଏହିପରି ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ନେଇ ଭେଟିଥିଲେ। ସ୍ଥାନୀୟ ଅଞ୍ଚଳର ଅରବିନ୍ଦ ଦାସ, ବସନ୍ତ ରାଉତ, ଶୁଭ୍ରାଂଶୁ ରାଉତ, ରାଜେଶ ଦାସ, ଅରୁଣ ବେହେରା, ସୁଧୀର ବେହେରା, ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଧାମନଗର, ୧୦।୧୨(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ କଲ୍ୟାଣ ମଣ୍ଡପ ପରିସରରେ ପ୍ରଦ୍ୟୁମ୍ନ ବଳ ସ୍ମୃତି ସଂସଦ ଓ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅଧିନ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏମଡି ଅବଦୁଲ କରିମ (ବିଜୁ ସାର) ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ପକ୍ଷରୁ ସମ୍ମାନିତ ହେଉଥିବା ବେଳେ ଆଜି ମଧ୍ୟ ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ତରଫରୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପ୍ରଧାନଶିକ୍ଷକ ଶ୍ରୀ କରିମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଆଗରପଡ଼ାରେ ବେପାର ପାଲଟିଛି ରୋଗୀ ଚିକିତ୍ସା

# ଏପଟେ ଡାକ୍ତର ଅଭାବ; ସେପଟେ ହାଉଯାଉ

ବନ୍ତ/ଆଗରପଡ଼ା, ୧୦।୧୨(ସମିସ): ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୫ଗୋଟି ପଞ୍ଚାୟତ ବାସୀଙ୍କ ସମେତ ପଡ଼ୋଶୀ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଓ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଅଧିକାଂଶ ପଞ୍ଚାୟତବାସୀମାନେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ପ୍ରତିଦିନ ଡାକ୍ତରଙ୍କୁ ରୋଗ ଦେଖାଇବା ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡିଠାରେ ରାତି ପାହାନ୍ତା ଠାରୁ ଶତାଧିକ ରୋଗୀଙ୍କ ଲମ୍ବା ଲାଇନ ଲାଗୁଛି ନମ୍ବର କରିବା ପାଇଁ। କାରଣ ଅନେକ ଦିନ ହେବ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ହେତୁ ଯେତିକି ଡାକ୍ତର ଅଛନ୍ତି ତାହା ରୋଗୀ ଚିକିତ୍ସା ପାଇଁ ଯଥେଷ୍ଟ ନୁହେଁ। ଯେଉଁଥିପାଇଁ ରୋଗୀମାନଙ୍କ ଭିଡ଼ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକ ଦେଖିବାକୁ ମିଳିଛି। କିନ୍ତୁ ଅନ୍ୟପଟେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ବିଭିନ୍ନ ବେସରକାରୀ କ୍ଲିନିକ ଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କିଛି ଡାକ୍ତର ରୋଗୀ ମାନଙ୍କ ଠାରୁ ୨ଶହ ଟଙ୍କା ନେଇ ସେବା ଯୋଗାଇ ଦେଉଛନ୍ତି। ଯାହା ଦ୍ୱାରା ରୋଗୀ ସରକାରୀ ଡାକ୍ତରଖାନା ଛାଡି ବେସରକାରୀ କ୍ଲିନିକ ଠାରେ ଲମ୍ବା ଲାଇନ ଲଗାଉଛନ୍ତି। ଏହା ଦ୍ୱାରା ସରକାରୀ ଡାକ୍ତରଖାନା ଉପରେ କୁପ୍ରଭାବ ପଡ଼ିବା ସହିତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଦୁଇ ଦୁଇଟି ବେସରକାରୀ କ୍ଲିନିକରେ ପ୍ରତି ରୋଗୀ ପିଛା ୨ ଶହ ଟଙ୍କା ନେଇ ରୋଗୀ ଚିକିତ୍ସା କରାଯାଉଛି। ସେହିପରି ଏଠାରେ କାର୍ଯ୍ୟରତ ଡାକ୍ତର ଭଦ୍ରକରେ ନିଜ କ୍ଲିନିକରେ ସେବା ଯୋଗାଇବା ପାଇଁ ବହୁ ସମୟରେ ବିଭିନ୍ନ ଆଳ ଦେଖାଇ ଧାର୍ଯ୍ୟ ସମୟାନୁସାରେ ଅନୁପସ୍ଥିତ ରହୁଥିବାର ଅଭିଯୋଗ ମଧ୍ୟ ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରଙ୍କ ଏହିପରି କାର୍ଯ୍ୟକଳାପ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅବଗତ ଅଛନ୍ତି କି ନାହାନ୍ତି ତାହା ଏବେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଆଗରପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଅଭାବ ହେତୁ ଦୀର୍ଘଦିନ ହେବ ରୋଗୀ ଉଚିତ୍ ସେବା ପାଇବା ପାଇଁ ହନ୍ତସନ୍ତ ହେଉଥିବା ବେଳେ ବେସରକାରୀ କ୍ଲିନିକରେ ସରକାରୀ ଡାକ୍ତର ରୋଗୀ ଚିକିତ୍ସା କରିବା ଦ୍ୱାରା ସରକାରୀ ଡାକ୍ତରଖାନା ଉପରେ ରୋଗୀ ମାନଙ୍କ ଭରସା ହରାଉଛନ୍ତି ଯଦ୍ୱାରା ସରକାରୀ ଡାକ୍ତରଙ୍କୁ ଟଙ୍କା ଦେଇ ବେସରକାରୀ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି। ତେଣୁ ଏହିସବୁ କାରଣରୁ ସରକାରୀ ଡାକ୍ତରଖାନାରେ ସରକାର ଚିକିତ୍ସାକୁ ନିଶୁଳ୍କ କରିବାର ମାନେ କଣ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତାହା ସହିତ ଉକ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତି ଭୂମିରେ ସୁଧାର ଆଣିବା ପାଇଁ ସରକାର ୯କୋଟି ୯୦ଲକ୍ଷ ଟଙ୍କା ମଞ୍ଜୁର କରିବା ଏବଂ ଉକ୍ତ ଅର୍ଥରେ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଉନ୍ନତି କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ କାରଣରୁ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଥିବାରୁ ସରକାର ଏହା ଉପରେ ତର୍ଜମା କରିବାର ଆବଶ୍ୟତା ଅଛି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।





# ସଫା ହେଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସର

ବନ୍ତ/ଆଗରପଡ଼ା, ୧୦।୧୨(ସମିସ)

ଶେଷରେ ସଫାହେଲା କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର। ଗତ ୨୫ ତାରିଖରେ 'ଅବ୍ୟବସ୍ଥାରେ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫା କରାଯିବା ସହ ବିଦ୍ୟୁତ୍ ସମସ୍ୟା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ଅନ୍ୟାନ୍ୟ ସମସ୍ୟାର ଖୁବ୍ ଶୀଘ୍ର ସମାଧାନ କରାଯିବାର ପ୍ରତିଶ୍ରୁତି ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ମନୋଜ ପତି ଦେଇଛନ୍ତି।

ବନ୍ତ ବ୍ଲକ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିଲା। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆ ନଯିବାରୁ ତାହା ଜଙ୍ଗଲ ସଦୃଶ ପାଲଟିଥିଲା। ଏହା ସହିତ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ୍ ଖୁଣ୍ଟିରେ ଉପଲବ୍ଧ ୫ଟି ହାଇମାଷ୍ଟ ଲାଇଟ୍ ପ୍ରତିଦିନ ସକାଳ ୮ଟା ପର୍ଯ୍ୟନ୍ତ ଜଳି ରହୁଥିବା ଦେଖିବାକୁ ମିଳୁଥିଲା। ଶତାଧିକ ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ଏଠାକୁ ଆସିଥାନ୍ତି। କିନ୍ତୁ କେନ୍ଦ୍ର ପରିସରରେ ଅନାବନା ଗଛ ଭର୍ତ୍ତି ହୋଇ ରହିଥିଲା। ଏହା ସହିତ ଆହୁରି ଅନେକ ସମସ୍ୟା ଡାକ୍ତରଖାନାରେ ଲାଗି ରହିଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବା ବୋଲି ଭାରପ୍ରାପ୍ତ ଅଧିକାରୀ ମନୋଜ ପତି ପ୍ରତିଶ୍ରୁତି ଦେଇଛନ୍ତି।



## ମାନବିକ ଅଧିକାର ଦିବସ ପାଳିତ




**ଭଦ୍ରକ,୧୦।୧୨(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିôକରଣ, ଭଦ୍ରକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ର ବିହାରୀ ଲାଲ୍ (ଆରସିବିଏଲ୍) ଉଚ୍ଚ ବିଦ୍ୟାଳୟ, ଚରମ୍ପା, ଭଦ୍ରକଠାରେ ମାନବିକ ଅଧିକାର ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରି.ଳନା କରିଥିଲେ। ପରସ୍ପର ଅଧିକାର ପ୍ରତି ସମ୍ମାନିତ ସଚେତନତା ହିଁ ମାନବିକ ଅଧିକାର ସୁରକ୍ଷାର ମୂଳ ଆଧାର ବୋଲି କହିଥିଲେ। ମାନବିକ ଅଧିକାର ସୁରକ୍ଷାରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋନାଲିସା କର, ଇନ୍ସ୍ପେକ୍ଟର, ଭଦ୍ରକ, ଡ. ତାପସ କୁମାର ମହାନ୍ତି, ସହାୟକ, ଏଲ୍ଏଡିସ, ଭଦ୍ରକ ଗୀତାଞ୍ଜଳି ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ସୁଚରିତା ମଲ୍ଲିକ, ଶିକ୍ଷୟିତ୍ରୀ ଆର୍ସିବିଏଲ୍, ଭଦ୍ରକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଚେତନତା ସଭାରେ ଛାତ୍ରଛାତ୍ରୀଙ୍କୁ ନେଇ ରଙ୍ଗୋଲି, ତର୍କ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ବିଭିନ୍ନ ପୁରସ୍କାର ସହିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ପୂର୍ଣ୍ଣ ସହଯୋଗ କରି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ।

## ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚରେ କାନ୍ତକବି ଜୟନ୍ତୀ



**ତିହିଡି,୧୦।୧୨(ସମିସ):** ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ ପକ୍ଷରୁ ସ୍ଥାନୀୟ ବ୍ରିଗେଡିୟର ସୈନିକ ସ୍କୁଲ୍ ପରିସରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୭ ତମ ଜୟନ୍ତୀ ଉତ୍ସବ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ସ୍ତମ୍ଭକାର ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗଦେଇ କାନ୍ତ ସଙ୍ଗୀତକୁ ରବୀନ୍ଦ୍ର ସଙ୍ଗୀତ ଭଳି ମାନ୍ୟତା ମିଳିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଯୋଗଦେଇ କାନ୍ତ ରଚନାବଳୀର କାଳଜୟୀ ଆବେଦନ ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାନ୍ତ କବିତା ସନ୍ଧ୍ୟାରେ କବିଶ୍ରୀ ଗୋଲୋକ ପ୍ରସାଦ ବୈୟାରୀ, ବିପ୍ଳବ ରଞ୍ଜନ ପତି, ରଘୁନାଥ ପାତ୍ର, ମଥୁରା ମୋହନ ବେହେରା, ପି. ହୃଷୀକେଶ, ଦେବେନ୍ଦ୍ର ମହାଳିକ ରବିକୁମାର ମହାନ୍ତି, କଳ୍ପତରୁ ସେଠୀ, ମନୋଜ ପାଣିଗ୍ରାହୀ, ଗୌରାଙ୍ଗ ନନ୍ଦ, ବସନ୍ତ ଦାସ, ଅମୂଲ୍ୟ ସେନାପତି, ଜ୍ୟୋତିକୃଷ୍ଣ ସାମଲ, ସୁବାସ ମହାନ୍ତି, ଅଭୟ ଦାସ, ମୁକୁନ୍ଦଦେବ ନାୟକ, ଆଶୁତୋଷ କରଣ, ପ୍ରଫୁଲ୍ଲ ପାଢ଼ୀ, ହରିହର ମଲ୍ଲିକ ରୀନାରାଣୀ ପାତ୍ର, ବୈକୁଣ୍ଠନାଥ ଓଝା, ପୀତାମ୍ବର ସେଠୀ, ଅବୁଦୁଲ ଦୟାନ, ରତିକାନ୍ତ ଦାସ, ମୁସ୍ତାକ ଗହ୍ୱର ପ୍ରମୁଖ କବିତାପାଠ କରିଥିଲେ। କଣ୍ଠଶିଳ୍ପୀ ଓ କବି ପୁଷ୍ପାଞ୍ଜଳି ତ୍ରିପାଠୀ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଯୁବକବି ସୁବ୍ରତ ମିଶ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଯୁବକବି ନିରଞ୍ଜନ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଞ୍ଚର ଆବାହକ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଓ ସଂଯୋଜକ ବିସ୍ମୟ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ମଶାନ ଜମିରେ ପେଭର ରାସ୍ତା ନିର୍ମାଣ



**ଧାମନଗର,୧୦।୧୨(ସମିସ):** ଧାମନଗର ଏନ୍ଏସି ଅଞ୍ଚଳରେ କେଉଁଠି ଶ୍ରୀଜଗନ୍ନାଥଙ୍କ ଜମିରେ ତ ଆଉ କେଉଁଠି ଶ୍ମଶାନ ଜମିରେ କମ୍ୟୁନିଟି ସେଣ୍ଟର, କଂକ୍ରିଟ୍ ଓ ପେଭର ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ଧାମନଗର ଏନଏସି ଅନ୍ତର୍ଗତ ଜୟନଗର ୧ନମ୍ବର ୱାର୍ଡ ଅଧୀନ ଭଣ୍ଡାରିପଦି ଠାରେ ବେଆଇନ ତଥା ଶ୍ମଶାନ ଜମି ଉପରେ ପେଭର ରାସ୍ତା ନିର୍ମାଣ କାର୍ଯ୍ୟ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମୌଜା ଜୟନଗର ଖାତା ନମ୍ବର ୧୨୫୪/ପ୍ଲଟ ୧୧୦୬ ଯାହାର କିସମ ହେଉଛି ଶ୍ମଶାନ। ଉକ୍ତ ଜମି ଉପରେ ଜଣଙ୍କ ବ୍ୟକ୍ତିଗତ ଘରକୁ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଶ୍ମଶାନ ଜମିରେ ରାସ୍ତା ନିର୍ମାଣ ହୋଇଛି। ଏ ନେଇ ଯୋଗାଯୋଗ କରିବାରୁ ଶ୍ମଶାନ ଜମିରେ ରାସ୍ତା ପାଇଁ କୌଣସି ଫିଜିବୁଲିଟି ରିପୋର୍ଟ ଦିଆଯାଇ ନାହିଁ ବୋଲି ତହସିଲଦାର ଦୀପକ କୁମାର ଦାସ, ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ ରୋକଠୋକ ମନା କରିଛନ୍ତି। ଏପଟେ ଏନ୍ଏସି ନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ସହ ଯୋଗାଯୋଗ କରିବାରୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କିଏ କରିଛନ୍ତି ଆମେ ଜାଣିନୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତାହେଲେ ବେଆଇନ ଶ୍ମଶାନ ଜମିରେ ପେଭର ରାସ୍ତା ନିର୍ମାଣ କାହା ଇଙ୍ଗିତରେ ହୋଇଛି ଏପର୍ଯ୍ୟନ୍ତ ଜଣାପଡିନାହିଁ। ଜିଲ୍ଲାପାଳ ଓପିଡି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି କରିଛନ୍ତି।

### ପରିବହନ ବିଭାଗ ଓ ପୁଲିସର ମିଳିତ ଚଢ଼ଉ

# ୩ ନାବାଳକଙ୍କ ଠାରୁ ୯୭ ହଜାର ଟଙ୍କା ଜରିମାନା

**ଭଦ୍ରକ/ଧାମନଗର,୧୦।୧୨(ସମିସ)**

ଭଦ୍ରକ ଜିଲ୍ଲା ତମାମ ମୋଟର ନିୟମ ଉଲ୍ଲଘଂନକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେବେ ନିୟମିତ ଯାଞ୍ଚ ଅଭାବ ହେଉଛି ଏହାର ମୂଳ କାରଣ ବୋଲି କୁହାଯାଉଛି। ବିଶେଷ କରି ଜିଲ୍ଲାରେ ନାବାଳକ ବାଇକ୍ ଚାଳକଙ୍କ ସଂଖ୍ୟା ବୃଦ୍ଧି ପାଇ ଏହା ଅନେକ ସମୟରେ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ସାବ୍ୟସ୍ତ ହୋଇଛି। ବିଶେଷ କରି ଛୋଟ ପିଲାମାନଙ୍କୁ ବହୁ ସମୟରେ ଦୁଇଚକିଆ ଓ ଚାରିଚକିଆ ଗାଡିକୁ ଅତି ଦ୍ରୁତଗତିରେ ଓ ବିପଦପୂର୍ଣ୍ଣ ଭାବରେ ଚଳାଉଥିବାର ଦେଖିବାକୁ ମିଳୁଛି। ଏହା ସହିତ ଅନେକ ନାବାଳକ କୌଣସି ଡ୍ରାଇଭିଂ ତାଲିମ ନପାଇ କମ ଦରମାରେ ବିଭିନ୍ନ ଯାନ ଯଥା-ଟ୍ରାକ୍ଟର, ଅଟୋ, ପିକଅପ ଭ୍ୟାନ ଭଳି ବିଭିନ୍ନ ଚାରିଚକିଆ ଯାନବାହନ ଚଳାଉଥିବାର ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ପରିବହନ ବିଭାଗର ବିଭିନ୍ନ ନିୟମ ଥିଲା ବେଳେ ପରିବହନ ବିଭାଗର ପକ୍ଷରୁକୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଜିଲ୍ଲାରେ ଜନ ଅସନ୍ତୋଷ ସୃଷ୍ଟି ହେଉଥିଲା। ଏହି ପରିପ୍ରେକ୍ଷୀରେ ଆଜି ଆଞ୍ଚଳିକ ପରିବହନ ବିଭାଗ ଓ ଧାମନଗର ପୁଲିସ ମିଳିତ ଭାବେ ଏହି ଥାନା ଅଞ୍ଚଳରେ ଚଢଉ କରିଥିଲେ। ଏହି ଚଢଉ ବେଳେ ଟ୍ରାଫିକ ସବ୍ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର ଓ ଟ୍ରାଫିକ ଏଏସଆଇ ଶ୍ୟାମସୁନ୍ଦର ନାୟକ ଉପସ୍ଥିତ ଥିଲେ। ଏହି ଚଢ଼ଉରେ ମୋଟରଯାନ ନିୟମ ମାନୁ ନଥିବା ୩୭ ଜଣ ଚାଳକଙ୍କ ବିରୁଦ୍ଧରେ ମାମଲା ରୁଜୁ ହେବା ସହ ୧୧ଟି ଯାନ ଜବତ କରାଯାଇଥିଲା। ସେମାନଙ୍କ ଠାରୁ ୩ଲକ୍ଷ ୩ହଜାର ୩୦୨ଟଙ୍କା ଜରିମାନା ଆଦାୟ ହୋଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଢାଉ ବେଳେ ୩ ଜଣ ନାବାଳକ ବାଇକ୍ ଚାଳକଙ୍କୁ ଯାଞ୍ଚ କରାଯାଇଥିଲା। ସେମାନଙ୍କ ଠାରୁ ୯୭ହଜାର ଟଙ୍କା ଜରିମାନା ଆଦାୟ ହୋଇଛି।

ସୂଚନାଯୋଗ୍ୟ, ଧାମନଗର ଅଞ୍ଚଳରେ ନାବାଳକ ଗାଡି ଚାଳକଙ୍କ ବେପରୁଆ ଗାଡି ଚାଳନ ପାଇଁ ଘଟୁଥିବା ଦୁର୍ଘଟଣା ବିଷୟରେ ଗତ ୯ ତାରିଖରେ "ସକାଳ'ରେ ପ୍ରକାଶ ପାଇବା ପରେ ଭଦ୍ରକ ପରିବହନ ବିଭାଗ ଓ ଧାମନଗର ପୁଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଖବର ପ୍ରସାରଣର ଗୋଟିଏ ଦିନ ବ୍ୟବଧାନ ପରେ ଆଜି ଧାମନଗର ଓ ଦୋବଲ ଅଞ୍ଚଳରେ ପରିବହନ ବିଭାଗ ତରଫରୁ କଡ଼ାକଡ଼ି ଭାବରେ ବିଭିନ୍ନ ବଡ଼ ଓ ଛୋଟ ଗାଡ଼ିଗୁଡିକୁ ତନ୍ନତନ୍ନ କରି ଯାଞ୍ଚ କରାଯିବା ସହିତ ଫାଇନ ମଧ୍ୟ କରାଯାଇଛି। ପରିବହନ ବିଭାଗ ଓ ପୁଲିସର ଏଭଳି ଅଚାନକ ଯାନବାହନ ଯାଞ୍ଚ, ବହୁ ଗାଡ଼ି ମାଲିକ ଓ ଡ୍ରାଇଭର ମଧ୍ୟରେ ଛନକା ପଶିଛି। ଯାହାଫଳରେ ଆଜି ବିଭିନ୍ନ ମାଲବାହୀ ଓ ସ୍କୁଲ ଗାଡିଗୁଡିକ ଗାଁ ଗହଳି ମଧ୍ୟରେ ଥିବା ବିଭିନ୍ନ ସର୍ଟକଟ୍ ରାସ୍ତା ଦେଇ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟତଃ ସ୍କୁଲ ପିଲାମାନଙ୍କୁ ନେବା ଆଣିବା ପାଇଁ ବ୍ୟବହୃତ ଗାଡିଗୁଡିକରେ ଯେଉଁ ସବୁ ସରକାରଙ୍କ ନିୟମାବଳୀ ଅଛି ତାକୁ ଧାମନଗର ଅଞ୍ଚଳରେ ଗାଡିମାଲିକମାନେ ଖୁଲମଖୁଲା ଉଲ୍ଲଘଂନ କରିବା ସହିତ ଯେଉଁ ସବୁ ଗାଡିଗୁଡିକରେ ପରମିଟ୍ ଓ ଫିଟନେସ ନାହିଁ ସେହି ସବୁ ଗାଡିଗୁଡିକୁ ପ୍ରଶାସନ ଓ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବିନା ଦ୍ୱିଧାରେ ସ୍କୁଲ ଗାଡି ଭାବରେ ବ୍ୟବହାର କରୁଛନ୍ତି।

**୩୭ ଉଲ୍ଲଘଂନକାରୀଙ୍କ ଠାରୁ ୩.୦୩ ଲକ୍ଷ ଟଙ୍କା ଫାଇନ୍**




### ବିଦ୍ୟୁତ ସ୍ପର୍ଶରେ ଚାଷୀ ମୃତ୍ୟୁ ମାମଲା

## ଟିପିଏନ୍ଓଡିଏଲ୍ ଦେଲା ୫ଲକ୍ଷ ଟଙ୍କାର କ୍ଷତିପୂରଣ

**ଭଦ୍ରକ,୧୦।୧୨(ସମିସ):** ଜାତୀୟ ମାନବାଧିକାର ଆୟୋଗ (ଏନଆରଏଚ୍ସି)ଙ୍କ ବାରମ୍ବାର ତାଗିଦ ପରେ ଟିପିଏନଓଡିଏଲ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଜଣେ ଚାଷୀଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛି । ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ତଲଗୋପବିନ୍ଧାର ଚାଷୀ ଅଶ୍ୱିନୀ ଜେନା ନିଜ କୃଷିକାର୍ଯ୍ୟକୁ ଜମିକୁ ଯାଇଥିବା ବେଳେ ଗତ ୨୩-୧୦-୨୩ ତାରିଖରେ ରାସ୍ତାରେ ଛିଡି ପଡିଥିବା ଏକ ବିଦ୍ୟୁତ ତାର ସ୍ପର୍ଶରେ ଆସି ଗୁରତର ଆହତ ହୋଇଥିଲେ। ପରେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ବିଦ୍ୟୁତ ଆଘାତ ଯୋଗୁଁ ଅଶ୍ୱିନୀଙ୍କ ହୃଦ୍‌ଘାତରେ ପରଲୋକ ଘଟିଥିବା ସୂଚନା ଦେଇଥିଲେ। ବିଦ୍ୟୁତ ବିଭାଗର ଅବହେଳାକୁ ନେଇ ଜଣେ ଗରିବ ଚାଷୀଙ୍କ ମୃତ୍ୟୁ ହୋଇଥିବାରୁ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ଏକ ମାମଲା ଦାୟର କରିଥିଲେ। ଯାହାର କେଶ ନଂ-୨୪୭୦/୨୩ । ଏ ସମ୍ପର୍କରେ ଭଦ୍ରକ ଜିଲ୍ଲାପାଳ, ଏସ୍ପି ଓ

**ଜାତୀୟ ମାନବାଧିକାର ଆୟୋଗଙ୍କ ତାଗିଦ**

ରାଜ୍ୟ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ରିପୋର୍ଟ ମାଗିଥିଲେ। ତେବେ ଜିଲ୍ଲାପାଳ ଏ ସମ୍ପର୍କରେ ଟିପିଏନଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଏସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ତେବେ ଟିପିଏନଓଡିଏଲ୍ କର୍ତ୍ତୃପକ୍ଷ ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ ବୋଲି ଜବାବ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ ଶକ୍ତି ବିଭାଗ ଓ ବିଦ୍ୟୁତ ବଣ୍ଟନକାରୀ ସଂସ୍ଥା ଟିପିଏନଓଡିଏଲ ମଧ୍ୟରେ ଦୋଷ ସ୍ୱୀକାରକୁ ନେଇ ବିବାଦ ଉପୁଜିଥିଲା। ଫଳରେ ରେପର୍ଟ ଦେବାରେ ବହୁ ବିଳମ୍ବ ଘଟିଥିଲା। ଏନେଇ ଆୟୋଗ କ୍ଷୋଭ ପ୍ରକାଶ କରି ଗତ ୨୭-୧୧-୨୪ ତାରିଖରେ ରାଜ୍ୟ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଗତ ୫-୧୨-୨୪ତାରିଖରେ ହାଜର ହେବାକୁ ସର୍ତ୍ତମୂଳକ ସମନ୍ ଜାରି କରିଥିଲେ। ଯଦି ଉକ୍ତ ତାରିଖ ମଧ୍ୟରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଥିବ ତେବେ ହାଜର ହେବାର ଆବଶ୍ୟକତା ନାହିଁ ବୋଲି ଆୟୋଗ ନିର୍ଦ୍ଦେଶ ଦେଇଥିଲେ। ତେବେ ମାନବାଧିକାର ଆୟୋଗଙ୍କ ଏଭଳି ଆଦେଶ ପାଇବା ପରେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ମୃତ ଅଶ୍ୱିନୀ ଜେନାଙ୍କ ପତ୍ନୀ କୁନ୍ତଳା ଜେନାଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ କରି ଏହାର ସମ୍ପୂର୍ଣ୍ଣ ରିପୋର୍ଟ ଆୟୋଗଙ୍କ ଅବଗତି ନିମନ୍ତେ ଦାଖଲ କରିଥିଲେ।

## ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ,୧୦।୧୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଭଦ୍ରକ ତରଫରୁ ଶଙ୍କରପୁରସ୍ଥିତ ଆସିଆନା ଶକ୍ତି ସଦନ ସଭାଗୃହରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଭାରତୀ ରାଉତଙ୍କ ପୌରହିତ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲୋନି ଲିୟନା ବେହେରା, କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଗୌରୀପ୍ରଭା ସିଂ, ସାଇକିୟାଟିକ୍ ସାମାଜିକ କର୍ମୀ,ଦେବେନ୍ଦ୍ର କୁମାର ନାୟକ, କମ୍ୟୁନିଟି ସୁପରଭାଇଜର ମାନସୀ ପ୍ରିୟଦର୍ଶନୀ ପାଢ଼ୀ, କେଶ୍ ରେଜିଷ୍ଟାର ପ୍ରମୁଖ ଯୋଗଦେଇ ମାନସିକ ଚାପର କାରଣ, ନିରାକରଣ ଓ ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସଂଗେ ସଂଗେ ମାନସିକ ଚାପରୁ କିପରି ମୁକ୍ତି ପାଇପାରିବେ ସେ ସମ୍ବନ୍ଧରେ ବିଭିନ୍ନ ପ୍ରକାର ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଆନାର ସଂଯୋଜକ ରିଆଜ ଅହମ୍ମଦ, ଶକ୍ତି ସଦନର ସୁପରିଟେଣ୍ଡେଟଂ ସବାନା ସେଖ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, କର୍ମକର୍ତ୍ତା ରୁବିନା ବେହରା, ଶାନ୍ତିଲତା ସ୍ୱାଇଁ, ଓପନ୍ ସେଲଟ୍ର ହୋମ୍ର ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼, କର୍ମକର୍ତ୍ତା କାଦମ୍ବିନୀ ଜେନା ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଣ୍ଟର ହୋମ୍ର ଅନ୍ତେବାସୀମାନେ ଭାଗ ନେଇଥିଲେ।

## ଦୋବଲରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



**ଦୋବଲ,୧୦।୧୨(ସମିସ):** ଦୋବଲ ଏସ୍ଏଜେ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଧାମନଗର ଶିକ୍ଷା ମଣ୍ଡଳର ୧୯ଟି କ୍ଲଷ୍ଟରର ୧୨୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ୧୭୭ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରେ ସ୍ମାର୍ଟ ଡଷ୍ଟବିନ୍, ଅଟୋମୋଟିକ ହାଇଡ୍ରୋଲିକ ବ୍ରିଜ, ଲାଇଟ୍ ଫିଡେଲିଟି, ଇଣ୍ଟିଗ୍ରେଟେଡ ଫାର୍ମି, ଥ୍ରୀ ଆର୍ (ରିଡ୍ୟୁସ, ରିୟୁଜ୍ ଓ ରିସାଇକିଲ) ପ୍ରକଳ୍ପ ଆକର୍ଷଣୀୟ ଥିଲା। ଯୁଗକୁ ଆଧାର କରି ଏସବୁ ପ୍ରକଳ୍ପକୁ ପ୍ରଦର୍ଶନ କରିଥିଲେ କୁନି କୁନି ପିଲା। ଏସଏଜେ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ରାଜଶ୍ରୀ ସାହୁଙ୍କ ପ୍ରକଳ୍ପ ସ୍ମାର୍ଟ ଡଷ୍ଟବିନ୍, ଧାମନଗର ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଆଶୁତୋଷ ପତିଙ୍କ ପ୍ରକଳ୍ପ ଲାଇ ଫାଇ ବା ଲାଇଟ୍ ଫିଡେଲିଟି ଭଳି ଅନେକ ପ୍ରକଳ୍ପ ଏଠାରେ ପ୍ରଦର୍ଶିତ ହୋଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କର ଦୋବଲ ଶାଖା ସହଯୋଗରେ ଆୟୋଜିତ ଦିନିକିଆ ବିଜ୍ଞାନ ମେଳାକୁ ଭଦ୍ରକ ସିଡିଓ ସରୋଜ ଦତ୍ତ, ବ୍ଲକ ଅଧ୍ୟକ୍ଷ ଶର୍ମିଷ୍ଠା ବେହେରା, ବିଡିଓ ବନବିହାରୀ ଦିନ୍ଦା ଉଦଘାଟନ କରିଥିଲେ। ଅପରାହ୍ଣରେ ଉଦ୍ଯାପନୀ କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଦୋବଲ ସରପଞ୍ଚ ଅଶୋକ ପଣ୍ଡା, ଏସବିଆଇ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ଦୋବଲ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ବିଶ୍ୱାଳ, ପ୍ରଧାନଶିକ୍ଷକ ବିଭୁତିଭୁଷଣ ମିଶ୍ର,ସିଆରସିସି ହାପା ମାରାଣ୍ଡି ଯୋଗ ଦେଇଥିଲେ। ଉଦଘାଟନୀ ଓ ଉଦଯାପନୀ ସମାରୋହରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।

# ବିପଦ ସଙ୍କୁଳ ଅଙ୍ଗନବାଡ଼ି; ଅସୁରକ୍ଷିତ ଶୈଶବ




**ବାରିକପୁର,୧୦।୧୨(ସମିସ)**

ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଶିକ୍ଷାଦାନ ଦେବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଶେଷ କରି ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ସବୁଠି ଶୈକ୍ଷିକ ଓ ସୁରକ୍ଷିତ ଭିତ୍ତିଭୂମି ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ପ୍ରଶାସନିକ ସ୍ତରରେ ପ୍ରାଥମିକତା ଦିଆଯାଉଛି। ଏହାସତ୍ତ୍ୱେ ଅନେକ ସ୍ଥାନରେ ଦୀର୍ଘ ଦିନ ଧରି ଭିତ୍ତିଭୂମି ଦୁର୍ବଳ ଓ ବିପଦପୂର୍ଣ୍ଣ ଥିଲେ ସୁଦ୍ଧା ଏହା ଉପରେ କେହି ନଜର ଦେଉନାହାନ୍ତି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାପ୍ତସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ନୁଗୁଆଁ ଗ୍ରାମ ପଞ୍ଚାୟତ ୧୦ ନମ୍ବର ୱାର୍ଡ ବାଲିଗଡିଆ ଅଙ୍ଗନବାଡି କେନ୍ଦ୍ରଟି ଦୀର୍ଘ ଦିନ ହେବ ଦୁର୍ବଳ ଅବସ୍ଥାରେ ରହିଛି। ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ଗୃହ ସଂଲଗ୍ନ ପାକଶାଳାଟିରେ ଅନେକ ଦିନ ହେବ ଫାଟ ସୃଷ୍ଟି ହେଲାଣି। ଏହାଛଡା ବାସଗୃହ ସୁଦୃଢିକରଣ ପାଇଁ ଚତୁପାଶ୍ୱର୍ରେ ପଡ଼ିଥିବା ବେଶ ମଧ୍ୟ ଫାଟି ଦୁଇ ଫାଳ ହୋଇଗଲାଣି। ପଡ଼ିଥିବା ବେଶ କଙ୍କ୍ରିଟ ଓ ଇଟା ଯୋଡେଇ ଫାଟି ଯିବା କାରଣରୁ ତା ଭିତରେ ବିଭିନ୍ନ ସରିସୃପ ମଧ୍ୟ ବାସ କରୁଛନ୍ତି। ଏପରିକି କିଛି ବିଷଧର ସାପ ମଧ୍ୟ ଉକ୍ତ ଫାଟ ମଧ୍ୟରେ ଯାତାୟାତ କରୁଥିବା ସ୍ଥାନୀୟ ଲୋକମାନେ ଜଣାଇଛନ୍ତି। ଏପରି ସ୍ଥଳେ ଅଙ୍ଗନବାଡି କେନ୍ଦ୍ରର ଛୋଟ ଛୋଟ ପିଲା ମାନେ ସେଠାରେ ଚଳପ୍ରଚଳ କରିବା ଆଉ ସୁରକ୍ଷିତ ନୁହେଁ ବୋଲି ଜଣା ଯାଇଛି। ଏନେଇ ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରିଣୀଙ୍କୁ ଜଣା ଯାଇଥିଲେ ମଧ୍ୟ ଏହାର ମରାମତି କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଏଯାଏଁ ତତ୍ପରତା ପ୍ରକାଶ କରା ଯାଇନାହିଁ। ଉକ୍ତ କେନ୍ଦ୍ରକୁ ଦୈନିକ ୨୦ରୁ ୨୫ ଜଣ ଛୋଟ ପିଲା ଆସୁଥିବା ବେଳେ ଜରାଜୀର୍ଣ୍ଣ ଭିତ୍ତିଭୂମିକୁ ନେଇ ସେମାନଙ୍କ ଶୈଶବ ଏବେ ବିପଦରେ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏ ବିଷୟରେ ଜାଣିବା ପାଇଁ ମୁଖ୍ୟ ଅଧିକାରିଣୀଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ସେ ଯାହାବି ହେଉ ଛୋଟ ଛୋଟ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଅଙ୍ଗନବାଡି କେନ୍ଦ୍ରଟିର ତୁରନ୍ତ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ସାଳନ୍ଦୀ ଜୁନିଅର କଲେଜରେ ମାନବାଧିକାର ଦିବସ




**ଭଦ୍ରକ,୧୦।୧୨(ସମିସ):** ଭଦ୍ରକ ଉତ୍ତରବାହିନୀସ୍ଥ ସାଳନ୍ଦୀ ଜୁନିଅର କଲେଜର ଯୁବରେଡକ୍ରସ ଆନୁକୁଲ୍ୟରେ ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳିତ ହୋଇ ଯାଇଛି। ରେଡକ୍ରସର ନୋଡ଼ାଲ ଅଫିସର ଅଧ୍ୟାପକ ସୁଭାଶିଷ ଭଟ୍ଟାଚାର୍ଯ୍ୟ ଏକ ସଭାର ଆୟୋଜନ କରିଥିଲେ। ଏହି ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀ। ଅଧ୍ୟାପକ ରବୀନ୍ଦ୍ର କୁମାର ପାଢୀ, ମହମ୍ମଦ ରେଜାଉଦ୍ଦିନ୍, ପ୍ରକାଶ ଚନ୍ଦ୍ର ଲାହା, ସୂର୍ଯ୍ୟକାନ୍ତ ବାରିକ୍, ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଳକା ସାହୁ,ଅମ୍ଳାନଜ୍ୟୋତି ମହନ୍ତ, ଲକ୍ଷ୍ମୀପ୍ରିୟା ଦାସ ଆଦି ଏହି ଦିବସର ତାତ୍ପର୍ଯ୍ୟ ସଂପର୍କ ରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନମୋହନ ସାହୁ, ରାମଚନ୍ଦ୍ର ସାହୁ, ଅମର କୁମାର ପରିଡା ଓ କୁଳମଣି ନାଥ ଏଥିରେ ସହାୟତା କରିଥିଲେ। ବହୁ ଛାତ୍ର ଛାତ୍ରୀ ଏଥିରେ ଯୋଗଦେଇ ମାନବାଧିକାର ଉପରେ ନିଜର ମତାମତ ରଖିଥିଲେ।

## ୨ ଟ୍ରକ୍ ମୁହାଁମୁହିଁ; ଚାଳକ ମୃତ



**ପାଣିକୋଇଲି, ୧୦।୧୨ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ନଦୀ ଉପରେ ଥିବା ସାହାପୁର ପୋଲ ଉପରେ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ୍‌ର ମୁହାଁମୁହିଁ ଧକ୍କା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଜଣେ ଖଲାସି ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ପ୍ରକୃତ ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ, ଡିବିଏଲ କମ୍ପାନୀ ପକ୍ଷରୁ ପୋଲର ଦକ୍ଷିଣପାର୍ଶ୍ୱ ମରାମତି ଚାଲିଥିବାରୁ ଖଣ୍ଡିତର ଛକଠାରୁ ରାସ୍ତା ବନ୍ଦ କରି ଦିଆଯାଇଥିଲା। ସେଠାରେ ଗୋଟିଏ ପାର୍ଶ୍ୱ ଦେଇ ଉଭୟ ପାର୍ଶ୍ୱରେ ଗାଡି ଯାତାୟାତ କରୁଥିଲା। ବ୍ରିଜ ମରାମତି କାମ ସରିଥିଲେ ମଧ୍ୟ ରାସ୍ତାକୁ କମ୍ପାନୀ ବନ୍ଦ କରି ରଖିଥିଲା। ମଙ୍ଗଳବାର ଭୋର ୫ଟା ବେଳେ ଶ୍ରୀନଗରରୁ କଟକ ଅଭିମୁଖେ ଏକ ଟ୍ରକ୍ ମାର୍ବଲ ବୋଝେଇ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ମାର୍ବଲ ବୋଝେଇ ଟ୍ରକ୍‌ର ଚାଳକଙ୍କ ମୃତ୍ୟୁ ହୋଇଛି। ସେହିପରି ଗାଡ଼ିର ଚାଳକଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ। ରାଜପଥ ପାଟ୍ରୋଲିଂ ଓ ପାଣିକୋଇଲି ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାୟ ୬ ଘଣ୍ଟା ରାସ୍ତା ବନ୍ଦ ରହିଥିଲା ବେଳେ ଖଣ୍ଡିତରଠାରେ ବନ୍ଦ କରିଥିବା ରାସ୍ତାକୁ ଲୋକେ ଖୋଲିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ଦୁର୍ଘଟଣା ପାଇଁ ରାଜପଥ ବିଭାଗ ଠିକାଦାର ସଂସ୍ଥା ଡିବିଏଲକୁ ଦାୟୀ କରାଯାଇଛି।

## ଓଷ୍ଟାର ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ



**ଯଖପୁରା, ୧୦।୧୨(ସମିସ):** ବୀଣାପାଣି ସରକାରୀ ବିଦ୍ୟାପୀଠରେ ୪୧ତମ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଓଷ୍ଟା ତରଫରୁ ଉଦଘାଟିତ ହୋଇଯାଇଛି। ଯାଜପୁର ଜିଲ୍ଲା ଓଷ୍ଟାର ସମ୍ପାଦକ ପବିତ୍ର କୁମାର ପଣ୍ଡା ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ସ୍ମୃତିରଞ୍ଜନ ଜେନା, ପଙ୍କପାଲ ସରପଞ୍ଚ ଅଜୟ କୁମାର ପଣ୍ଡା, ଓଷ୍ଟା ଜିଲ୍ଲା ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲଚନ୍ଦ୍ର ବେହେରା, ବୁଦ୍ଧରାଜ ବିଦ୍ୟାପୀଠ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ସାମଲ, ପଞ୍ଚସଖା ସେତୁ ଯୋଜନା ସଭାପତି ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଯୁଗପ୍ରଭା ସାବତଙ୍କ ଉପସ୍ଥିତିରେ ଦାନଗଦି ମଣ୍ଡଳର ସମ୍ପାଦକ ଅଶୋକ ବେହେରା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ପ୍ରଥମ ଅଧିବେଶନର ଦାନଗଦି ମଣ୍ଡଳ ଓଷ୍ଟା ସଭାପତି ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ। ୧୫ଟି ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଏହି ଶିଶୁମେଳାରେ ୧୦ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବଳରାମ ଆଏଚ, ଭାଗୀରଥି ପୃଷ୍ଟି, ନିର୍ମଳଚନ୍ଦ୍ର ରାଉତ, ଯୋଗିନ୍ଦ୍ରନାଥ ସାହୁ, ବିନାୟକ ରାୟ, ପ୍ରତିମା ରାୟ, ହରେକୃଷ୍ଣ ମହନ୍ତ, ନିଶିକାନ୍ତ ମହାପାତ୍ର ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନଶିକ୍ଷକମାନେ ଯୋଗ ଦେଇଥିଲେ। ୨ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ଓଷ୍ଟା ସଭାପତି ସୁଦାମ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ଓଷ୍ଟା ପୂର୍ବତନ ସମ୍ପାଦକ ବିଷ୍ଣୁଚରଣ ସାହୁ, ବିଶିଷ୍ଟ ଅତିଥି ଭାବେ ଦାନଗଦି ପଞ୍ଚାୟତସମିତିର ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ସମ୍ମାନିତ ଅତିଥି ଭାବେ ଯୋଗିନ୍ଦ୍ରନାଥ ସାହୁ, ନିର୍ମଳ ଚନ୍ଦ୍ର ରାଉତ, ରଘୁନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟତ୍ରୀ ଯୁଗପ୍ରଭା ସାବତ ଧନ୍ୟବାଦ ଦେଇଥିଲେ।

## ସକ୍ରିୟ ମସ୍ତିଷ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ



**ବାଲିଚନ୍ଦ୍ରପୁର, ୧୦।୧୨(ସମିସ):** ମିଡବ୍ରେନ ଆକ୍ଟିଭେସନ (ସକ୍ରିୟ ମସ୍ତିଷ୍କ) ଦିଆଯାଉଛି ପ୍ରଶିକ୍ଷଣ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ୫ରୁ ୧୫ବର୍ଷ ବୟସର ପିଲାଙ୍କ ମସ୍ତିଷ୍କର ବାମ ଓ ଡାହାଣ ଅଂଶକୁ ସକ୍ରିୟ କରିବା ପାଇଁ କୌଶଳ ଶିକ୍ଷା ଦିଆଯିବ। ମିଡ ବ୍ରେନ ହେଉଛି ମସ୍ତିଷ୍କର ସର୍ବୋଚ୍ଚ ଅଂଶ। ମସ୍ତିଷ୍କ ଏବଂ ମେରୁଦଣ୍ଡ ମଧ୍ୟରେ ସଂଯୋଗ କେନ୍ଦ୍ରୀୟ। ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଏକ ପ୍ରତିଭା ଅଛି ଯାହାକୁ ବୈଜ୍ଞାନିକ ପଦ୍ଧତି ଅନୁସାରେ ସକ୍ରିୟ କରିବା। ଏନେଇ ବାଲିଚନ୍ଦ୍ରପୁର ଅଞ୍ଚଳରେ ପ୍ରଥମ କରି ବ୍ରେନ ଆକ୍ଟିଭେସନ ସେଣ୍ଟରରେ ପ୍ରଶିକ୍ଷଣ ଦିଆଯାଉଛି। ଭୁବନେଶ୍ୱରସ୍ଥିତ ନେସନାଲ ଟ୍ରଷ୍ଟ ଅଫ ଏଜୁକେସନ ଆଣ୍ଡ ମ୍ୟାନେଜମେଣ୍ଟ ତରଫରୁ ବାଲିଚନ୍ଦ୍ରପୁରସ୍ଥିତ ଏ-୧ କମ୍ପ୍ୟୁଟର ସେଣ୍ଟରରେ ମିଡ ବ୍ରେନ ଆକ୍ଟିଭେସନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଦୀପକ କୁମାର ସାହୁ ଏହାକୁ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷା ଭାରତୀ ମହାନ୍ତି, ସଂଯୋଜକ ପାର୍ଥସାରଥୀ ମହାନ୍ତି, ସଞ୍ଜୟ ମହାପାତ୍ର, ପ୍ରଭଞ୍ଜନ ସାମନ୍ତରାୟ, ରବୀନ୍ଦ୍ର ନାୟକ, ରାକେଶ ବାରିକ, ଶାରଦା ପ୍ରସାଦ ମହାନ୍ତି, ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜରାଶ୍ରମରେ ଜନ୍ମଦିନ ପାଳିଲେ ରାଜନାରାୟଣ

**ବଡ଼ଚଣା, ୧୦।୧୨ (ସମିସ):** ଯୁବନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ର ନିଜର ଜନ୍ମଦିନକୁ ଜରାଶ୍ରମରେ ପାଳନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଶ୍ରୀ ମହାପାତ୍ର ଆଜି ସକାଳୁ ମନ୍ଦିର ଯାଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ବଡ଼ଚଣା ବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ପରେ ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କ ସହିତ ଛତିଆ ସ୍ଥିତ ସେବକ ଜରାଶ୍ରମକୁ ଯାଇ ଅନ୍ତେବାସୀ ମାନଙ୍କୁ ଫଳ, ବିସ୍କୁଟ ଓ କମ୍ବଳ ବଣ୍ଟନ କରିଥିଲେ। ପରେ ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କଲଚରକ୍ଷଲ ସେଣ୍ଟର୍ ଠାରେ ପହଞ୍ଚିଲା ପ୍ରହଲ୍ଲାଦ ନନ୍ଦ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅମର ମହାନ୍ତି, ରତିକାନ୍ତ ଜେନା, ଧନେଶ୍?ର ବେହେରା, ବିଜୟ କୁମାର ସ୍ୱାଇଁ, କୁଳମଣୀ ବାରିକ୍, ଜ୍ଞାନରଞ୍ଜନ ସାହୁ, ଉମେଶ ଜେନା, ଦମୟନ୍ତୀ ସାମଲ, ତାପସ ରାୟ, ବିଜୟାନନ୍ଦ ପଣ୍ଡା, ଉମେଶ ସାମଲ, ନିରଞ୍ଜନ ବିଶ୍ୱାଳ, ସତ୍ୟ ପ୍ରକାଶ ଦାସ, ନୀହାର ପ୍ରସାଦ ମହାପାତ୍ର, ବିବେକ ସୁବୁଦ୍ଧି, ପ୍ରହଲ୍ଲାଦ ବାରିକ, ପ୍ରଦୀପ କୁମାର ମହାନ୍ତି, ସଞ୍ଜୀବ ସାମଲ, ସମ୍ପଦ ଦାସ, ଧର୍ମଜିତ୍ ବଳ, ସାଗର ସାହୁ, ଶ୍ରୀକାନ୍ତ ସାମଲ, କମରୁଜ ଖାଁ, ସତ୍ୟବ୍ରତ ସାମଲ, ଅଶ୍ୱିନୀ ବଳ, ସୁଲତାନ ସହିଫୁଲା, ସୁଜିତ୍ ସାମଲ ପ୍ରମୁଖ ଶ୍ରୀ ମହାପାତ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କର ଦୀର୍ଘ ଓ ନିରମୟ ଜୀବନ କାମନା କରିଥିଲେ।

### ବାଲି ଗାଡ଼ିରୁ ଚାନ୍ଦା ଆଦାୟରୁ ଗଣ୍ଡଗୋଳ

# ଗାଡ଼ି ଭଙ୍ଗାରୁଜା ଓ ହତ୍ୟା ଧମକ : ୪ ଅଟକ

**ପାଣିକୋଇଲି, ୧୦।୧୨(ସମିସ)**



କୋରେଇ ଓ ପାଣିକୋଇଲି ଥାନାଙ୍କରେ ବାଲିଗାଡ଼ିରୁ ପ୍ରାୟ ୧୦ଟି ସ୍ଥାନରେ ବେଆଇନ ଭାବେ ଚାନ୍ଦା ଆଦାୟ କାରଣରୁ ଗଣ୍ଡଗୋଳ ହୋଇ ଗୋଟିଏ ଗୋଷ୍ଠୀର କିଛି ବ୍ୟକ୍ତି ଆହତ ହୋଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୁଲିସ ୪ ଜଣଙ୍କୁ ଅଟକ ରଖିଥିଲା ବେଳେ ଅଧିକ ତଦନ୍ତ ଜାରି ରହିଛି। ଅଭିଯୋଗ ଅନୁସାରେ, ଏନେଇ ମାଧପୁର ମା' ସୁବର୍ଣ୍ଣମୁଖି ଟ୍ରକ ଏବଂ ଟପର ଓନରସ ଆସୋସିଏସନ ନିକଟରେ ଚାଳକମାନେ ଅଭିଯୋଗ କରିଥିଲେ। ଏନେଇ ଗୋଷ୍ଠୀ ସଂଘର୍ଷ ଘଟିଥିବା ଜଣାପଡ଼ିଛି। ଆସୋସିଏସନ ଉପସଭାପତି ମାନସ ରଞ୍ଜନ ଧଳଙ୍କ ସହ ତାଙ୍କ କିଛି ସହଯୋଗୀ ଏକ କାର୍‌ରେ ସତିପୁରରୁ ବରୁଣ୍ଡାଇ ପଟେ ଯାଉଥିଲା ବେଳେ ମଙ୍ଗଳବାର ଭୋରରେ ପଳସା ଗ୍ରାମଛକଠାରେ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ପ୍ରତିପକ୍ଷର ରମାକାନ୍ତ ବାରିକ, ଅମରେନ୍ଦ୍ର ବାରିକ, କାହ୍ନୁ ସାହୁ, ଅବିନାଶ ବାରିକ, ହରେକୃଷ୍ଣ ସାହୁ, ମୁନା ଶିଅଳ, କାଳିଆ ଭୁଇ, ପ୍ରଦୀପ ମହାପାତ୍ର, ପବିତ୍ର ସେଠୀ, ଶରତ ଖଣ୍ଡାଇ, ସୌରଭ ସାହୁ, ସତ୍ୟବ୍ରତ ପଣ୍ଡାଙ୍କ ସମେତ ୩୦ରୁ ଅଧିକ ବ୍ୟକ୍ତି ଖଣ୍ଡା ଭୁଜାଲି ଓ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ମାନସ ଧଳଙ୍କ ମୁଣ୍ଡରେ ଗଭୀର କ୍ଷତ ହେବା ସହ ଅନ୍ୟମାନଙ୍କୁ ମାଡ଼ ମରିଥିଲେ। ସେମାନେ ବି ଆହତ ହୋଇଥିଲେ। ଗାଡି ଡିକିରେ ଥିବା ନଗଦ ଅର୍ଥ ଓ ସୁନା ଚେନ ଛଡାଇ ନେଇଥିଲେ। ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ମାଡ଼ ମାରି ତାଙ୍କୁ ରାସ୍ତାକଡ଼କୁ ଫିଙ୍ଗି ଦେଇ ପଳାଇଥିଲେ। ଏନେଇ ମାନସଙ୍କ ସମେତ ସୁବର୍ଣ୍ଣ ମୁଖି ଟ୍ରକ ଓନରସ ଆସୁସିଏସନ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପାଣିକୋଇଲି, ୧୦।୧୨(ସମିସ):** କୋରେଇ ବ୍ଲକ ଶିକ୍ଷାମଣ୍ଡଳ ପଥରପଦା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନୀରଦ ଦେଓ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ମଦନମୋହନ ବେହେରା, ମଧୁସୁଦନ ସାହୁ, ସନ୍ତୋଷ ବେହେରା, ଅଜୟ ସାହୁ, ସାଧୁଚରଣ ବାରିକ, ନର୍ମଦା ବେହେରା, ମମତା ବେହେରା, ଶ୍ରୀନିବାସ ବେହେରା, ଶତ୍ରୁଘ୍ନ ବେହେରା, ଚକ୍ରଧର ବେହେରା, ରାଜକିଶୋର ଦାସ, ନିରଞ୍ଜନ ବେହେରା, ସିଆରସିସି କେଶବ ସେଠୀ, ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିଜୟ କୁମାର ଶତପଥୀଙ୍କ ସମେତ ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଶ୍ରୀ ଦେଓଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଅନୀଲ ନାୟକ, ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଓ ସାବିତ୍ରୀ ସାହୁ ସଭା ପରିଚାଳନା କରିଥିଲେ।

## ଧାରପୁର ପଞ୍ଚାୟତରେ ଜନଶୁଣାଣି ଶିବିର

**ବରୀ, ୧୦।୧୨(ସମିସ):** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଧାରପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ଗ୍ରାମ୍ୟ ପାନୀୟଜଳ ଯୋଗାଣ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ଯୋଗାଣ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା, ଡିଇଓ ଆଲୋକ ଅଧିକାରୀ, ବିପିସି ମିଶନ ଶକ୍ତି ଗଣେଶ୍ୱର ସ୍ୱାଇଁ, ଉଦ୍ୟାନ କୃଷି ଅଧିକାରିଣୀ ମୋନାଲିସା ଅଧିକାରୀ, କୃଷି ଅଧିକାରିଣୀ ରୂପାଲି ପଣ୍ଡା, ପଶୁ ଚିକିତ୍ସା ଅଧିକାରିଣୀ ଏମଆର ଦିବ୍ୟଦର୍ଶିନୀ, ବରୀ ଥାନାର ହାବିଲଦାର ରସାନନ୍ଦ ସେଠୀ, ସୌମ୍ୟରଞ୍ଜନ ଧଳଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡାଙ୍ଗି ମୁର୍ମୁ, ଡିଇଓ ମାନଗୋବିନ୍ଦ ବାରିକ, ସରପଞ୍ଚ କୁନା ମଲିକ, ଶ୍ରୀଧର ସେଠୀ ଯୋଗ ଦେଇଥିଲେ। ଶିବିରରେ ୩୧୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ ଶିବିର ପରିଚାଳନା କରିଥଲେ।

## ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ



**କାଳିଆପାଣି, ୧୦।୧୨(ସମିସ):** ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ, ଭୁବନେଶ୍ୱର ଜୋନ ପକ୍ଷରୁ ୨୬ତମ ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ସପ୍ତାହ ଇମ୍ପା ପରିଚାଳନାଧିନ ସୁକିନ୍ଦା ଓ ମହାଗିରି ଖଣିଠାରେ ପାଳିତ ହୋଇଯାଇଛି। ସୋମବାର ପରିଦର୍ଶକମଣ୍ଡଳୀର ଆବାହକ ବିକାଶ କୁମାର ମହାନ୍ତି, ଉପସାଧାରଣ ପ୍ରବନ୍ଧକ ନାଲକୋ ନେତୃତ୍ୱରେ ଏବଂ ପରିଦର୍ଶକମଣ୍ଡଳୀର ଅନ୍ୟତମ ସଦସ୍ୟ ଭାବେ ସତ୍ୟଜିତ ପଣ୍ଡା, ବରିଷ୍ଠ ଖଣି ପରିଚାଳକ ଏମଜିଏମ ମିନେରାଲ ପ୍ରାଇଭେଟ ଲିମିଟେଡ଼ ଜୟପ୍ରକାଶ ରାଉତ ଭୂତତ୍ତ୍ୱ ପରିଚାଳକ ଟଞ୍ଜଇ ଲିମିଟେଡ ସୁକିନ୍ଦା ଓ ମହାଗିରି ଖଣି ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ଖଣି ପରିଚାଳକ ସରୋଜ ମହାନ୍ତ ସ୍ୱାଗତ ଭାଷଣ ରଖିଥିଲେ। ବରିଷ୍ଠ ସାଧାରଣ ପ୍ରବନ୍ଧକ ତଥା ଅପରେସନ ମୁଖ୍ୟ ଲଲାଟେନ୍ଦୁ ମହାପାତ୍ର ଓ ପରିଦର୍ଶକ ମଣ୍ଡଳୀର ଆବାହକ ବିକାଶ ମହାନ୍ତି ଖଣି ପରିବେଶ ଓ ଖଣିଜ ସମ୍ପଦ ସଂରକ୍ଷଣ ଉପରେ ସଚେତନାତ୍ମକ ଦିଗ ପ୍ରତି ଆଲୋକପାତ କରିଥିଲେ। ମହାଗିରି ଖଣି ପରିଚାଳକ ରାଜେଶ ରାମଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରେଷ୍ଠ ଶ୍ରମିକ ଭାବେ ମହାଗିରି ଖଣି ନିମନ୍ତେ ବନମାଳି ଦେହୁରୀ ଓ ସୁକିନ୍ଦା ଖଣି ନିମନ୍ତେ ଗଙ୍ଗାଧର ପ୍ରଧାନ ପୁରସ୍କୃତ ହୋଇଥିଲେ। ୮ଟି ପଞ୍ଚାୟତର ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଚାରୀଙ୍କ ମଧ୍ୟରେ ପୋଷ୍ଟର, ସ୍ଲୋଗାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପତିତପାବନ ହାଇସ୍କୁଲ, ପିମ୍ପୁଡିଆର ଛାତ୍ରୀମାନେ ଚିତ୍ତାକର୍ଷକ ଏକକ ଏବଂ ଗ୍ରୁପ ନୃତ୍ୟ ପରିବେଷଣ କରିଥିବାବେଳେ ସିକ୍ୟୁରିଟି ବିଭାଗ ପକ୍ଷରୁ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା। ଖଣି ବିଭାଗ ଅଧିକାରୀ ଶୁଭମ କୁମାର ସିଂ ଓ ନିଶିଗୁପ୍ତା ମଞ୍ଚ ପରିଚାଳନା କରିଥିଲେ।

## ଲଗାମଛଡ଼ା ବସ୍: ପ୍ଲାଣ୍ଟରେ ବେଗ ୨୦, ବାହାରେ ୬୦

**ଯଖପୁରା, ୧୦।୧୨ (ସମିସ):** କଳିଙ୍ଗନଗରରେ ବହୁ ସଂଖ୍ୟାରେ କାରଖାନା ହେବାରୁ ରାସ୍ତାଘାଟ ସବୁ ବ୍ୟସ୍ତ ବହୁଳ ହେବାରେ ଲାଗିଛି। ଯେତେ ସଂଖ୍ୟାରେ କାରଖାନା ହୋଇଛି ସେହି ତୁଳନାରେ ସଡ଼କର ବ୍ୟବସ୍ଥା କରାଯାଇ ନାହିଁ। ଏବେ ୧୮ଟି କାରଖାନା କାର୍ଯ୍ୟକ୍ଷମ ଥିବାବେଳେ ଆହୁରି ୭-୮ଟି କାରଖାନା ନିର୍ମାଣାଧୀନ ରହିଛି। ମୁଖ୍ୟ ସ୍ଥାନ ବ୍ୟାସନଗର ହୋଇଥିବାରୁ ସମସ୍ତ କାରଖାନାର କର୍ମଚାରୀମାନେ ସେଠାରେ ରହିଥାନ୍ତି। ନେବା ଆଣିବା ପାଇଁ କାରଖାନା ତରଫରୁ ଶହ ଶହ ବସ୍। ଏସବୁ ବିଭିନ୍ନ ସମୟରେ ଟ୍ରାଫିକ୍ ଅବ୍ୟବସ୍ଥା ସୃଷ୍ଟି କରୁଛନ୍ତି। ରାସ୍ତାକୁ ବିପଦସଙ୍କୁଳ ରଖି ରଖୁଛନ୍ତି। ୪ଟି ସିଫ୍ଟରେ ବସ ସବୁ ଯା'ଆସ କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ଯାତାୟାତ ଦୁର୍ବିସହ ହୋଇପଡ଼ିଛି। ବସଗୁଡ଼ିକ ବି ଲଗାମଛଡ଼ା ଭାବେ ଚଳାଚଳ କରୁଛନ୍ତି। ବ୍ରେକ୍ ଉପରେ ଯେପରି ଚାଳକଙ୍କ ଗୋଡ଼ ନ ଥାଏ। ପୁଣି ବସ ସବୁ ଯେଉଁଠି ସେଇଠି ରଖି ଚଢ଼ା-ଉତରା କରୁଛନ୍ତି। ଏହାଫଳରେ ବଜାର ତଥା ଜନଗହଳି ସ୍ଥାନରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଅନେକ ସମୟରେ ରାସ୍ତାରେ ଦୁର୍ଘଟଣା ଘଟୁଛି।



ପ୍ଲାଣ୍ଟର ନିୟମ ମାନି ୨୦କିମି ଗତିରେ ଯାଇଥାନ୍ତି, ସେହି ବସ ସବୁ କାରଖାନାରୁ ବାହାରିବା ମାତ୍ରେ ସେମାନଙ୍କ ଗତି ୬୦କିମିରୁ ଅଧିକ କରିଦେଇଥାନ୍ତି। ଯଦି ପ୍ରଶାସନ ପକ୍ଷରୁ ବସ ଗତିରେ ଲଗାମ ଦିଆଯାଇ ଓ କାରଖାନା ବସ ଷ୍ଟପ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ବସ ରହିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯାଆନ୍ତା ତେବେ ବହୁ ମାତ୍ରରେ ଦୁର୍ଘଟଣା କମିବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କ ସମସ୍ୟା ବହୁ ମାତ୍ରାରେ କମିଯାଆନ୍ତା। ଯେଉଁ ଅନୁପାତରେ କଳିଙ୍ଗନଗଠାରେ ଅଧିକରୁ ଅଧିକ ଶିଳ୍ପାନୁଷ୍ଠାନ ଗଢି ଉଠିଛି, ଆଗକୁ ଏହି ସମସ୍ୟା ଜଟିଳରୁ ଜଟିଳ ହୋଇଯିବ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମତ ରଖିଛନ୍ତି।

## ଦୁର୍ଘଟଣାରେ ଯୁବକ ଆହତ

**ପାଣିକୋଇଲି, ୧୦।୧୨(ସମିସ):** ପାଣିକୋଇଲି ଥାନା ୧୬ନମ୍ବର ଜାତୀୟ ରାଜପଥରେ ସେମବାର ବିଳମ୍ବିତ ରାତ୍ରିରେ ଏକ ସ୍କୁଟି ଦୁର୍ଘଟଣାରେ ଭଦ୍ରକ ଅଞ୍ଚଳର ସତୀଶଚନ୍ଦ୍ର ପାଢ଼ୀ ଆହତ ହୋଇଛନ୍ତି। ସେ ଚଣ୍ଡିଖୋଲରୁ କାମ ସରି ଘରକୁ ସ୍କୁଟିରେ ଫେରୁଥିଲେ। ପାଣିକୋଇଲି ପୁରୁଣା ଟୋଲ ଗେଟ ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଆହତ ହୋଇଥିଲେ। 'ଆମେ ଅପଣଙ୍କ ପାଇଁ ହେଲଫିଂଗ ଗ୍ରୁପ'ର ସଭାପତି ଅଶୋକ ଦାସ ଓ ପ୍ରଫୁଲ୍ଲ ମାଝୀ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇ ଘରକୁ ପଠାଇଥିବା ଜଣାପଡ଼ିଛି।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ପ୍ରବଚନ ପ୍ରସ୍ତୁତି ବୈଠକ

**ବିଞ୍ଝାରପୁର, ୧୦।୧୨ (ସମିସ):** ବିଞ୍ଝାରପୁରଠାରେ ଦୀର୍ଘ ୨୬ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଧର୍ମସଭା, ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ପ୍ରବଚନ ଉତ୍ସବ ଚଳିତ ମାସର ୨୦ତାରିଖ ଅନୁଷ୍ଠିତ ହେବ। ସରସ୍ୱତୀ ଛକରେ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ୨୬ତମ ଧର୍ମସଭାର ମୁଖ୍ୟ ଆକର୍ଷଣ ରହିବ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ବେଶ। ଧର୍ମସଭାରେ ପ୍ରତିବର୍ଷ ଭଳି ବହୁ ପ୍ରବଚକମାନଙ୍କ ସମାବେଶ ହେବ। ବାବାଜୀ ସତ୍ୟାନନ୍ଦ ଦାଶ ମହାରାଜ ମୁଖ୍ୟାଂଶରେ ରହବେ। ବୈଠକରେ ସର୍ବେଶ୍ୱର ସାହୁ, ଅଧ୍ୟାପକ ଶରତଚନ୍ଦ୍ର ସାହୁ, ସରୋଜ ସାହୁ, ପ୍ରଶାନ୍ତ ସାହୁ, ଶ୍ରୀଧର ସାହୁ, ରବୀନ୍ଦ୍ର ରାଉଳ, ମଦନ ପୋଥାଳ, ଗୋବର୍ଦ୍ଧନ ସାହୁ, ରଙ୍ଗାଧର ଖଟୁଆ, ପରମେଶ୍ୱର ନାୟକ, ବଙ୍ଗାଳି ରାଉଳ, ମନୋରଞ୍ଜନ ବିନ୍ଧାଣୀ, ବିମ୍ବାଧର ବିନ୍ଧାଣୀ, ବଙ୍କିମ ବିନ୍ଧାଣୀ, ଜିତେନ୍ଦ୍ର ସାହୁ, ମଦନ ଜାସ, ବିଦୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମଳ ଯୋଜନା ହାଉସ୍‌କିପିଙ୍ଗ ଟେଣ୍ଡରରେ ଫିକ୍ସିଂ!

**ଯାଜପୁର, ୧୦।୧୨(ସମିସ):** ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସଫେଇ କରିବା ପାଇଁ ନିର୍ମଳ ଯୋଜନାରେ ବିଭିନ୍ନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏହିକ୍ରମରେ ଯାଜପୁର ଜିଲ୍ଲାରେ ଟେଣ୍ଡର ଫିକ୍ସିଂ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା କରାଯାଇ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଏହି ନିର୍ମଳ ଯୋଜନାରେ ଗତ ମାର୍ଚ୍ଚରେ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ହାଉସକିପିଙ୍ଗ ପାଇଁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୦ରୁ ଅଧିକ ସଂସ୍ଥା ଅଂଶଗ୍ରହଣ କରିଥିଲେ। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ଥିବା ବିଭିନ୍ନ ଆଇନ କାନୁନକୁ ଅଣଦେଖା କରାଯାଇ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁଗ୍ରହ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ କେତେକ ବିଡର ଅଭିଯୋଗ କରିଛନ୍ତି। ଟେଣ୍ଡର ହାତେଇଥିବା ସଂସ୍ଥା ପୂର୍ବରୁ କଳା ତାଲିକା ଭୁକ୍ତ ହୋଇଥିଲେ ମଧ୍ୟ କିଭଳି ଏହି ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଛି ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଏହି ଟେଣ୍ଡର ପ୍ରକ୍ରିୟାର ସାନି ଯାଞ୍ଚ କରିବାକୁ ବାଦ୍ ପଡ଼ିଥିବା ବିଡର ମାନଙ୍କ ପକ୍ଷରୁ ଦାବି କରାଯାଇଛି।

## ଆଶାର ଆଲୋକ ଫାଉଣ୍ଡେସନ ସମ୍ବର୍ଦ୍ଧିତ



**କବାଟବନ୍ଧ, ୧୦।୧୨ (ସମିସ):** ଧର୍ମଶାଳା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶାର ଆଲୋକକୁ ସାମାଜିକ କାର୍ଯ୍ୟ ପାଇଁ ପୁରୀ ଜିଲ୍ଲାର ନିମାପଡ଼ାଠାରେ ସମ୍ବର୍ଦ୍ଧିତ କରାଯାଇଛି। ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୟା ସବେରା ୟୁଥ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଫାଉଣ୍ଡେସନ୍‌କୁ ସମ୍ମାନିତ କରିଛନ୍ତି। ଉତ୍ସବରେ ଆଶାର ଆଲୋକ ଫାଉଣ୍ଡେସନ ପକ୍ଷରୁ ସଦସ୍ୟମାନେ ମାନପତ୍ର ଗ୍ରହଣ କରିଥିଲେ। ଆଗାମୀ ଦିନରେ ସମାଜ ପାଇଁ ଆହୁରି ଭଲ କାମ କରିବା ପାଇଁ ଏହା ବହୁ ପ୍ରେରଣା ଦେବ ବୋଲି ସେମାନେ କହିଛନ୍ତି।

### ଚିକିତ୍ସା ପାଇଁ ଅର୍ଥାଭାବ ବାଧକ

# ଏକମାତ୍ର ରୋଜଗାରିଆ ପୁଅ ଶଯ୍ୟାଶାୟୀ

**ଦାନଗଦି, ୧୦।୧୨ (ସମିସ)**

ନିୟତି ସାଜିଛି ନିଷ୍ଠୁର। ବୃଦ୍ଧ ବାପା-ମା'ଙ୍କ ସ୍ୱପ୍ନ ସହ ଖେଳ ଖେଳୁଛି ଭାଗ୍ୟ।ହସଖୁସି ତେଲଲୁଣର ଗରିବ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇପଡ଼ିଛି। ଦାନଗଦି ବ୍ଲକ ଶାଳୀଜଙ୍ଗା ପଞ୍ଚାୟତ ବୀଣାପାଟିଆ ଗାଁରେ ଦେଖିବାକୁ ମିଳିଛି ଏପରି ଏକ ଦୁଃଖଦ କରୁଣ ଚିତ୍ର।

ଏକମାତ୍ର ପୁଅ ବିଛଣାରେ ପଡ଼ି ରହିଛି। ସେବା କରୁଛନ୍ତି ବାପା, ମା'। ନିରଞ୍ଜନଙ୍କ ପରିବାରରେ ତାଙ୍କ ପତ୍ନୀ ପ୍ରତିମା, ଦୁଇ ଛୋଟ ଛୋଟ ପୁଅ ରିତେଶ ଓ ଅଙ୍କିତ। ବୁଢ଼ା ବାପା, ମା' ଅଛନ୍ତି। ବିଲବାଡ଼ି କିଛି

### ପରିବାରର ଦୁଃଖ ଶୁଣିବେ କିଏ ?

ନାହିଁ। ନିରଞ୍ଜନ ଶ୍ରମିକ ଭାବେ କାମ କରୁଥିଲେ; ପରେ ରାଜମିସ୍ତ୍ରି ହୋଇଥିଲେ। କାମ କରୁଥିଲା ସମୟରେ ଏକ ଭାଡ଼ାରୁ ଖସି ପଡ଼ିବାରୁ ସେ ଏବେ ଏକପ୍ରକାର ଅକର୍ମଣ୍ୟ ସାଜିଛନ୍ତି। ସ୍ଥାନୀୟ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଟାଟା ମେଡିକାଲ, କଟକ ବଡ଼ ମେଡିକାଲରେ ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି। ଅଧିକ ଚିକିତ୍ସା ପାଇଁ ଏବେ ତାଙ୍କ ପାଖରେ ଅର୍ଥର ଅଭାବ। କିପରି ପୁଣି ଜଣେ ସକ୍ଷମ ବ୍ୟକ୍ତି ହୋଇ ପରିବାରର ପ୍ରତିପୋଷଣ କରିବେ ସେ ଚିନ୍ତା ଏବେ କାଳ ହୋଇ ନିରଞ୍ଜନଙ୍କ ମୁଣ୍ଡକୁ ଗ୍ରାସିବାରେ ଲାଗିଛି। ଭଗବାନଙ୍କ ଭରସା ଏବଂ ବୃଦ୍ଧ ବାପା-ମା'ଙ୍କ ଆଶ୍ରୟ ମଧ୍ୟରେ ତାଙ୍କ ଜୀବନ କଟୁଛି।



ଏହା ଭିତରେ ଏକବର୍ଷ ହେଲାଣି ନିରଞ୍ଜନ ବିଛଣାରୁ ଉଠି ପାରୁନାହାନ୍ତି। ଫଳରେ ଦୁଃଖରେ ଭାଙ୍ଗି ପଡ଼ିଛି ପୂରା ପରିବାର। ବୁଢ଼ୀ ମା' ଗାଁ ଗାଁ ବୁଲି ପୁଅକୁ ଔଷଧ ଦେବା ପାଇଁ ଭିକ ମାଗୁଛନ୍ତି। ବୁଢ଼ା ବାପା ପୁଅର ସେବା କରୁଛନ୍ତି। ନିରଞ୍ଜନଙ୍କ ସ୍ତ୍ରୀ ପରିବାର ଚଳାଇବା ପାଇଁ ଘରୁ ଗୋଡ଼ କାଢ଼ି କାମ କରିବାକୁ ଯାଉଛନ୍ତି। ମାସରେ ଯେତିକି ଦିନ କାମ ମିଳିଲା ସେତିକିରେ ଦୁଇଟି ଛୋଟପୁଅ, ଶାଶୂ ଶଶୁର ଓ ସ୍ୱାମୀଙ୍କ ଦୈନିକ ଔଷଧ ଖର୍ଚ୍ଚ ଭରଣ କରିବା ଅସମ୍ଭବ ହୋଇ ପଡୁଛି। ଏବେ ଏହି ପରିବାର ଉପରେ ଧାରକରଜର ଚଡ଼କ ପଡ଼ିଲାଣି। ଏହାମଧ୍ୟରେ ଶାଶୁଙ୍କର ଗୋଡ଼ ହାତ ଓ ଅଣ୍ଟା ଧରୁଛି.. ପରିବାରର ଦୁଃଖ ବଖାଣିଲେ ଶେଷ ହେବ ନାହିଁ।

ଶିଳ୍ପ ନଗରୀ କଳିଙ୍ଗନଗରରେ ଥିବା ଏ ଦୀନଦୁଃଖୀ ନିରଞ୍ଜନ ପାଇଁ ସହାୟତାର ହାତ ବଢ଼ାଇ ଦେବା ପାଇଁ କାନ୍ଦି କାନ୍ଦି ହାତ ଯୋଡ଼ି କରୁଣ ନିବେଦନ କରିଛନ୍ତି ଏହି ପରିବାର। ପ୍ରଶାସନ, ରାଜନେତା କି କୌଣସି ବଦାନ୍ୟ ବ୍ୟକ୍ତି କି ଅନୁଷ୍ଠାନ, ଶିଳ୍ପ କର୍ତ୍ତୃପକ୍ଷ ଯଦି ସହାୟତାର ହାତ ବଢ଼ାନ୍ତେ ତେବେ ଏ ଗରିବ ପରିବାର ମୁହଁରେ ହସ ଫୁଟିବା ସହ ନିରଞ୍ଜନ ସୁସ୍ଥ ହୋଇ ପାରନ୍ତା। ଦୁଇଟି କଅଁଳ ଶିଶୁଙ୍କ ଭବିଷ୍ୟତ ଅନ୍ଧାରରୁ ଆଲୋକିତ ହୋଇ ପାରନ୍ତା ବୋଲି ପରିବାର ଲୋକେ ଆଶା ରଖିଛନ୍ତି।

## ଅରେଇକଣାରେ ଚୋରାମଦ କାରବାର ଅଭିଯୋଗ

**ଜାରକା, ୧୦।୧୨(ସମିସ):** ଧର୍ମଶାଳା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅରେକଣା ପଞ୍ଚାୟତରେ ବ୍ୟାପକ ଚୋରା ମଦ ଓ ଗଞ୍ଜେଇ କାରବାର ହେଉଥିବା ନେଇ ଗ୍ରାମବାସୀ ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ ଓ ଧର୍ମଶାଳା ଅବକାରୀ ଅଧିକାରୀ ଓ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତବାସୀ ବିଭିନ୍ନ ସମୟରେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ ଜଣାଇ ହତାଶ ହୋଇଥିଲେ। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ବେପରୱା ମନୋଭାବ ଯୋଗୁଁ ପଞ୍ଚାୟତରେ ନିଶା କାରବାର କମିବା ବଦଳରେ ବଢ଼ି ଚାଲିଥିଲା। ଯାହାକୁ ନେଇ ଅରେଇକଣା ପଞ୍ଚାୟତର ମାନସ ରଞ୍ଜନ ରାୟ, ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା, ସଂଗ୍ରାମ କେଶରୀ ରାୟ, ଅଶୋକ ରାୟ, ପ୍ରସନ୍ନ କୁମାର ରାୟ, କବିତା ରାଉତ, ମାନସୀ ରାୟ, ସରପଞ୍ଚ ସଞ୍ଜୟ କୁମାର ରାୟ, ସମିତିସଭ୍ୟ ସରସ୍ୱତୀ ରାୟ ପ୍ରମୁଖ ଶତାଧିକ ପଞ୍ଚାୟତବାସୀ ଲିଖିତ ଭାବେ ଅଧିକାରୀମାନଙ୍କୁ ଜଣାଇବା ସହ ଚୋରା କାରବାରରେ ଲିପ୍ତ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

## ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ବଡ଼ଚଣା, ୧୦।୧୨(ସମିସ)**

ବଡଚଣାରେ ଭୁଶୁଡ଼ି ପଡ଼ିଛି ଆଇନଶୃଙ୍ଖଳା। ହନ୍ତସନ୍ତ ହେଉଛନ୍ତି ସାଧାରଣ ଜନତା। ପୁଲିସର ଏକପାଖିଆ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଅତିଷ୍ଠ ହେଲେଣି ଲୋକେ। ଯାହାକୁ ନେଇ ଯାଜପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଧିକ ଆଲୋଚନା କରିବା ସହ ଅଭିଯୋଗ କରିଛି ବିଜେଡି। ବଡଚଣା ନିର୍ବାଚନମଣ୍ଡଳୀରେ ରହିଛି ବାଲିଚନ୍ଦ୍ରପୁର, ବଡଚଣା ଓ ବୈରି ଥାନା। ବିଶେଷକରି ବୈରି ଥାନା ଅଧୀନରେ ଥିବା ସାଧାରଣ ଲୋକଙ୍କୁ ଅଧିକ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ସାଧାରଣ ଲୋକ କୌଣସି ଅଭିଯୋଗ କଲେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନାରାଜ। ଶାସକ ଦଳ ନେତାଙ୍କ କଥାରେ ପରିଚାଳିତ ହେଉଥିବା ଅଭିଯୋଗ କରିଛି ବିଜେଡି। ଅଭିଯୁକ୍ତମାନେ ଖୁଲମଖୁଲା ବାହାରେ ବୁଲୁଥିବା ଦେଖିବାକୁ ମିଳୁଛି। ବେଆଇନ ବାଲି, ମାଟି, ମୋରମ ଚୋରା ଚାଲାଣ ହେଉଥିଲେ ମଧ୍ୟ କେହି ପୁଲିସକୁ ଜଣାଇଲେ କୌଣସି କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଉନାହିଁ। ବଡଚଣା ବିଜେଡି ନେତା ଅବସରପ୍ରାପ୍ତ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲଙ୍କୁ ଭେଟି ଏ ବାବଦ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଠିକ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପୁଲିସ ଗ୍ରହଣ କରିବ ବୋଲି କହିଛନ୍ତି ଆରକ୍ଷୀ ଅଧୀକ୍ଷକ। ଶ୍ରୀ ମହାପାତ୍ରଙ୍କ ସହ ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଉପସଭାପତି ଅମର ପ୍ରସାଦ ମହାନ୍ତି, ରତିକାନ୍ତ ଜେନା, ଧନେଶ୍ୱର ବେହେରା, ଜଗନ୍ନାଥ ମୁଦୁଲି, ଜ୍ଞାନରଞ୍ଜନ ସାହୁ, ତାପସ ରାୟ, ବିବେକ ରଞ୍ଜନ ସୁବୁଦ୍ଧି, ସତ୍ୟପ୍ରକାଶ ଦାସ, ରାଜା ସାହେବ, ଦମୟନ୍ତୀ ସାମଲ, ବିଜୟାନନ୍ଦ ପଣ୍ଡା, ଆଶାଲତା ସ୍ୱାଇଁ, ଅନ୍ନପୂର୍ଣ୍ଣା ବେହେରା, ସଞ୍ଜୀବ ସାମଲ, ସନ୍ତୋଷ ବେହେରା, ନିରଞ୍ଜନ ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ସତ୍ୟବ୍ରତ ସାମଲ, ଉମେଶଚନ୍ଦ୍ର ସାମଲଙ୍କ ସମେତ ଅନେକ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ଜାରକା, ୧୦।୧୨( ସମିସ):** ଧର୍ମଶାଳା ଥାନା ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଦୁର୍ଘଟଣାର ଶିକାର ହୋଇ ଜଣେ ବାଇକ ଆରୋହୀ ମାହାଙ୍ଗା ଅଞ୍ଚଳର ପ୍ରତାପ ବେହେରା (୪୨) ଗୁରୁତର ଆହତ ହୋଇଛନ୍ତି। ଓଡି-୦୪-ଏମ- ୫୪୪୦ ନଂ ବାଇକରେ ଜାରକା ପଟୁ ଚଣ୍ଡିଖୋଲ ଆଡ଼କୁ ଯାଉଥିବା ବେଳେ ନେଉଳପୁର ନିକଟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଲବାହିନୀ ଆହତ ଯୁବକଙ୍କୁ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳ ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଖଣ୍ଡିତର ହାଇସ୍କୁଲ ୧୯୮୩ ବ୍ୟାଚ୍ ମିଳନ



**ଯାଜପୁର, ୧୦।୧୨(ସମିସ):** ରସୁଲପୁର ବ୍ଲକ ଖଣ୍ଡିତର ହାଇସ୍କୁଲର ୧୯୮୩ ଜୁନିୟର ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୯୮୩ ବ୍ୟାଚ୍‌ର ୨୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ସୁନନ୍ଦ ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରାତନ ଛାତ୍ର ତଥା ଅଧ୍ୟାପକ ସମରେନ୍ଦ୍ର ଦାସ, ଇଂ ଶରତଚନ୍ଦ୍ର ବେହେରା, ପ୍ରଦୀପ ଦେଓ, ବନମାଳି ଦାସ, କେଦାର ଆଏଚ, ଭାସ୍କର ଦାସ, ନିହାର ବାଳା ଶତପଥୀ, ମିନତୀ ଶତପଥୀ, ରଙ୍ଗଲତା ସାହୁ, ଶଶିଭୂଷଣ ପରିଡ଼ା, ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ନଭେମ୍ବରରେ ଏଭଳି ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି।

## ଜନଜାତିଙ୍କ ସ୍ୱାର୍ଥ ପୂରଣ ନ ହେଲେ ଆମରଣ ଅନଶନ ନିଷ୍ପତ୍ତି



**ଦାନଗଦି, ୧୦।୧୨(ସମିସ):** ଆଦିବାସୀ ଅଧ୍ୟୁଷିତ ଦାନଗଦି ଓ ସୁକିନ୍ଦା ବ୍ଲକର ଶହଶହ ଜନଜାତିର ଶିଶୁ ଓ ଲୋକଙ୍କୁ ବିଭିନ୍ନ ମୌଳିକ ଅଧିକାର ତଥା ସୁବିଧା ମିଳୁନି। ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏନେଇ ପଦକ୍ଷେପ ଗ୍ରହଣ କରୁନାହିଁ। ଏହାର ପ୍ରତିବାଦରେ ଆମରଣ ଅନଶନ ନିଷ୍ପତ୍ତି ନିଆଯାଇଥିବା ସଂକ୍ରାନ୍ତ ଏକ ଦାବିପତ୍ର ଦାନଗଦି ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜନଜାତି ଲୋକ ଓ ଶିଶୁମାନଙ୍କ ଆଧାର କାର୍ଡ ନଥିବା ବେଳେ ଗୋଟିଏ ଗୋଟିଏ ପଡ଼ାଗ୍ରାମରୁ ଶତାଧିକ ଲୋକ ରାସନକାର୍ଡ ବଞ୍ଚିତ ହେଉଛନ୍ତି। ସେହିପରି ବାଲ୍ୟବିବାହ ଏବଂ ଡ୍ରପଆଉଟ ବିରୋଧରେ ମଧ୍ୟ ଯୁବ ସମାଜସେବୀ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଶିଶୁଚାଲାଣ ସାଙ୍ଗକୁ ରୋଜଗାର ନଥିବାରୁ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅନୁସୂଚିତ ଜନଜାତିର ଲୋକେ ଯକ୍ଷ୍ମା, କିଡନୀ ରୋଗୀଙ୍କୁ ଚିକିତ୍ସା ଉପଲବ୍ଧ ହେଉନି। ଏସବୁ ଘଟଣାକୁ ନେଇ ଏକ ଦାବିପତ୍ର ଯାଜପୁର ଜିଲ୍ଲା ପ୍ରଶାସନକୁ ମଧ୍ୟ ପ୍ରଦାନ କରାଯାଇଛି। ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକଲେ ତେବେ ଦୁଇ ସପ୍ତାହ ପରେ ଯୁବ ସମାଜସେବୀ ଆମରଣ ଅନଶନ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ସମାଜସେବୀ ମଣ୍ଟୁ ଦାସ, ବିଶ୍ୱଜିତ ମାଝୀ, ଅରବିନ୍ଦ ମହାରଣା, ନିର୍ମଳ, ବିଜୟ ଦାସ, ସୌମ୍ୟରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଓ ବାଳିକା ହିଂସା ବିରୋଧୀ ପକ୍ଷ ପାଳିତ

**ଯାଜପୁର, ୧୦।୧୨(ସମିସ):** ଯାଜପୁର ଜିଲ୍ଲାରେ ମହିଳାମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟରତ 'ସଖୀ' ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ଷୋହଳଦିବସୀୟ ମହିଳା ହିଂସା ବିରୋଧୀ ସଚେତନତା ଅଭିଯାନ ଆରମ୍ଭ ହୋଇ ବିଭିନ୍ନ ଆଇସିଡିଏସ ପ୍ରୋଜେକ୍ଟ, ବ୍ଲକ ଅଫିସ, ଅଙ୍ଗନବାଡି ସେଣ୍ଟର୍, ବିଭିନ୍ନ ସ୍କୁଲ୍, ଶକ୍ତି ସଦନ, ଗୃହ ଏବଂ ସଖୀ ଅଫିସରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଉଦଯାପନୀ ଉତ୍ସବ ଜିଲ୍ଲା ମିଶନ ଶକ୍ତି ଭବନରେ ମଙ୍ଗଳବାର ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବିତା ଚ୍ୟାଉ ପଟ୍ଟନାୟକ ଲିଙ୍ଗଭିତ୍ତିକ ହିଂସା ଘରୋଇ ହିଂସା, କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଓ ତାହାର ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ବାଲ୍ୟ ବିବାହ, ଶିଶୁ ଶ୍ରମିକ '୧୦୯୮' ଚାଇଲ୍ଡ ଲାଇନ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନି ରଞ୍ଜନ ପଟ୍ଟନାୟକ ଏବଂ ଆଇନଜୀବୀ ଅଖିଳ ମୋହନ ଦାସଙ୍କ ସହ ସିଡିପିଓ, ନିରୀକ୍ଷିକା, ଅଙ୍ଗନବାଡି କର୍ମୀ କିଶୋର ବାଳକ ଏବଂ ବାଳିକା, ଶକ୍ତି ସଦନ କର୍ମଚାରୀ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର ବାଳକ-ବାଳିକାଙ୍କ ଦ୍ୱାରା ନୃତ୍ୟ ଏବଂ ଏକକ ଅଭିନୟ ପରିବେଷଣ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶରଥପୁର ବ୍ଲକ, ବିରଜାପୁର ପଞ୍ଚାୟତର ସରପଞ୍ଚ ନିରାକାର ସାହୁଙ୍କୁ ସମାଜ କଲ୍ୟାଣ ଓ ବାଲ୍ୟ ବିବାହ ନିଷେଧ ଓ ନିୟନ୍ତ୍ରଣ କ୍ଷେତ୍ରରେ ଅବଦାନ ନିମନ୍ତେ ତାଙ୍କୁ ଜିଲ୍ଲା ସମାଜ ମଙ୍ଗଳ ତରଫରୁ ସମ୍ମାନିତ କରାଯାଇଥିଲା। ଯାଜପୁରସ୍ଥିତ ସଖୀ କେନ୍ଦ୍ର ପରିଚାଳିକା ନିବେଦିତା ଶରଣ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ବିଭାଗ କର୍ମଚାରୀ ଏବଂ ସଖୀ କର୍ମଚାର ସହଯୋଗ କରିଥିଲେ। ଜିଲ୍ଲା ସଂଯୋଜିକା ଆହ୍ୱନ ଏଡ ରୋଜାଲିନ ପଣ୍ଡା ଧନ୍ୟବାଦ ଦେଇଥିଲେ।




## ମାନବିକ ଅଧିକାର ଦିବସ ପାଳିତ




**ଯାଜପୁର, ୧୦।୧୨(ସମିସ):** ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସୁଜନପୁର ଆଞ୍ଚଳିକ ମହାବିଦ୍ୟାଳୟରେ ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସଙ୍କ ଅଧକ୍ଷତାରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଦକ ଦ୍ରବ୍ୟ ସେବନ ଭୟାବହତା ବିଷୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଅତିଥି ଆଲୋଚକ ଭାବେ ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି, କିଶୋର ନ୍ୟାୟ ପରିଷଦର ସଦସ୍ୟା ରୀତା ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ସୀମନ୍ତଭାନୁ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ସନ୍ତୋଷ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବିଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଗୀତାଞ୍ଜଳି ମିଶ୍ର ପ୍ରଥମ, ସମୀର ଦାସ ଦ୍ୱିତୀୟ ଓ ସଂଘମିତ୍ରା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରାଧିକରଣ କର୍ମଚାରୀ ଓ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

## ଜୟ ଜଗନ୍ନାଥ ସଂକୀର୍ତ୍ତନମଣ୍ଡଳୀର ବୈଠକ

**ବଡ଼ଚଣା, ୧୦।୧୨(ସମିସ):** ବଡଚଣା ବ୍ଲକ ବାଉସପୁଟସ୍ଥିତ ବାବା ବୈଦ୍ୟନାଥ ମନ୍ଦିର ପରିସରରେ ଜୟଜଗନ୍ନାଥ ମହିଳା ସଙ୍କୀର୍ତ୍ତନମଣ୍ଡଳୀର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଶ୍ମିରେଖା ପଣ୍ଡାଙ୍କ ଆବାହକତ୍ୱରେ ବୈଠକରେ ମୁଖ୍ୟଅତିଥି ଭାବେ ବିଜୟ କୁମାର ପଣ୍ଡା ସମଗ୍ର ଯାଜପୁର ଜିଲ୍ଲାରେ ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ମହିଳାଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବ ସୃଷ୍ଟି କରିବାରେ ଜୟ ଜଗନ୍ନାଥ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସଙ୍କୀର୍ତ୍ତନମଣ୍ଡଳୀର ନୂତନ କର୍ମକର୍ତ୍ତା ମନୋନୀତ ହୋଇ ସଭାନେତ୍ରୀ ଅନୁପମା କାନୁନଗୋ, ସମ୍ପାଦିକା ପଙ୍କଜିନୀ ଭଞ୍ଜ, କୋଷାଧକ୍ଷ ଲୋପାମୁଦ୍ରା ନାୟକଙ୍କୁ ଚୟନ କରାଯାଇଛି। ମୁରଲୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ବନ୍ଧାଳରେ ବିଶ୍ୱ ମାନବିକ ଅଧିକାର ଦିବସ



ବଡଚଣା, ୧୦।୧୨(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଧାଳସ୍ଥିତ ଯୁବ ତାଲିମ କେନ୍ଦ୍ରଠାରେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ପାଞ୍ଚଦିନିଆ ଯୁବ ଶିବିରର ଅନ୍ତିମ ଦିବସରେ ମଙ୍ଗଳବାର ବିଶ୍ୱ ମାନବିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯାଜପୁର, କଟକ, ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଗଞ୍ଜାମ, ସୋନପୁର, କନ୍ଧମାଳ, ବଲାଙ୍ଗିର ଓ ଝାରସୁଗୁଡା ୧୦ଟି ଜିଲ୍ଲାର ପ୍ରତିନିଧି ଯୋଗ ଦେଇଥିଲେ। ଜୟନ୍ତ ନାଗବଂଶୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ତାଲିମ କେନ୍ଦ୍ରର ପ୍ରତିଷ୍ଠାତା ତଥା ସ୍ତମ୍ଭକାର ମାନସ ଜେନା, ସମ୍ମାନିତ ଅତିଥି ଭାବେ ହେତୁବାଦୀ ଅର୍ଜୁନ ସାମନ୍ତରାୟ, ବାସନ୍ତୀ ଆଚାର୍ଯ୍ୟ, ମଧୁସୂଦନ ଯାଦବ, ସ୍ମିତାରାଣୀ ପଟ୍ଟନାୟକ, ଡ. ବି ଆର ଆମ୍ବେଦକର ପାଠାଗାର ସଭାପତି ଡ. ପବନେଶ୍ୱର ଜେନା, ଆଇନଜୀବୀ ଦେବରାଜ ବେହେରା, ଅଜୟ ସିଂହ, ବଂଶୀଧର ପରିଡ଼ା, ମଧୁସୂଦନ ସେଠୀ ଓ ଆଇନଜୀବୀ ସରୋଜ ସେଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବୀନ୍ଦ୍ର ଦାସ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ ପ୍ରଦାନ କରିଥିଲେ। ପବିତ୍ର ସେଠୀ, ପ୍ରଶାନ୍ତ ନାୟକ ଓ ଅଭିଷେକ ମଲ୍ଲିକ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶରତ ସାହୁ।

### ଯୋଗଦେଲେ ୧୦ ଜିଲ୍ଲାର ପ୍ରତିନିଧି

## ସୁନା ଦୋକାନରୁ ଚୋରି: ୨ ଗିରଫ

**ଜାରକା, ୧୦।୧୨( ସମିସ):** ଧର୍ମଶାଳା ଥାନା ଜାରକାସ୍ଥିତ ଏକ ଦୋକାନରୁ ସୁନା ଚୋରି କରି ନେଇଥିବା ଜଣେ ଯୁବକକୁ ପୁଲିସ ଗିରଫ କରିବା ସହ ଜଣେ କ୍ରେତାଙ୍କୁ ମଧ୍ୟ ଗିରଫ କରିଛି। ଜାରକା ବଜାରସ୍ଥିତ ଶ୍ରୀନିବାସ କୁଣ୍ଡୁଙ୍କ ସୁନା ଦୋକାନରୁ ଗତ ୪ ତାରିଖରେ ଏହି ଚୋରି ହୋଇଥିଲା। ଅଭିଯୁକ୍ତଦ୍ୱୟ ହେଉଛନ୍ତି ମଧ୍ୟପ୍ରଦେଶ ବରୱାନୀ ଜିଲ୍ଲା ସାଣ୍ଡୱା ଥାନାଞ୍ଚଳର ତାଲିବ ସୟଦ (୨୫) ଏବଂ ସମ୍ପୃକ୍ତ କ୍ରେତା କୁଆଖିଆ ଥାନା ବାଉଁଶଅଣ୍ଟା ଗ୍ରାମର ପ୍ରତାପ ଦାସ(୪୯)। ତାଲିବ ମଧ୍ୟପ୍ରଦେଶ ବରୱାନୀ ଜିଲ୍ଲା ସାଣ୍ଡୱା ଥାନାଞ୍ଚଳର ବୋଲି ଜଣାପଡ଼ିଛି। ଏବେ ସେ ନୂଆପଡ଼ା ଜିଲ୍ଲା ଖରିଆରରୋଡରେ ରହୁଥିଲା। ଅଭିଯୁକ୍ତ ତାଲିବଠାରୁ ଏକ ସୁନା କାନଫୁଲକୁ ପ୍ରତାପ ଦାସ(୪୯) କିଣିଥିଲେ। ସୁନା କିଣିବା ବାହାନାରେ ଆସି ତାଲିବ ଉକ୍ତ ଦିନ ହଳେ କାନଫୁଲ ଚୋରି କରି ଫେରାର ହୋଇଯାଇଥିଲା। ଗତ ସୋମବର ଯୁବକ ଜଣକ ପୁଣି ସୁନା ଦୋକାନକୁ ଆସିଥିବା ବେଳେ ଦୋକାନ ମାଲିକ ଶ୍ରୀନିବାସ ଅଟକ ରଖି ପୁଲିସ ଜିମା ଦେଇଥିଲେ। ଉକ୍ତ ଯୁବକ ହିଁ କାନଫୁଲ ଚୋରି କରି ନେଇଥିବା ସ୍ୱୀକାର କରିଛି। ଅଭିଯୁକ୍ତଠାରୁ ଚୋରି ହୋଇଥିବା ଅଧିକ କାନଫୁଲକୁ ପୁଲିସ ଉଦ୍ଧାର କରିଛି। ଏନେଇ ଧର୍ମଶାଳା ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

## ତପୋବନ ବାଳିକା ଉଚ୍ଚ ବିଦ୍ୟାଳୟରେ ବାୟୋ ଟଏଲେଟ୍ ଉଦ୍‌ଘାଟିତ



ଦାନଗଦି, ୧୦।୧୨ (ସମିସ): ଦାନଗଦି ବ୍ଲକ ରାମ୍ପିଲୋଠାରେ ତପୋବନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ଏକ ବାୟୋ ଟଏଲେଟ ଗୃହ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟାଟା ଷ୍ଟିଲ କଳିଙ୍ଗନଗରର ସେଫଟି ହେଡ ମାନସ ରଞ୍ଜନ ସାହୁ ଏହାକୁ ଉଦଘାଟନ କରିଥିଲେ। ଅଂଶୀଦାରୀ କମ୍ପାନୀ ଭେସୁଭିୟସ ଇଣ୍ଡିଆ ଲିମିଟେଡ ସାମାଜିକ ଉତ୍ତର ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଏହି ସେବା ସହ ପାନୀୟଜଳ ସୁବିଧା ଯୋଗାଇ ଦିଆଯାଇଛି। ଏହି ବିଦ୍ୟାଳୟରେ ଥିବା ୪୦୦ ଜଣ ଛାତ୍ରୀ ଏହାଦ୍ୱାରା ଉପକୃତ ହେବେ। କାର୍ଯ୍ୟକ୍ରମରେ ଭେସୁଭିୟସ ମାନବ ସମ୍ବଳ ମୁଖ୍ୟ ରାଜଶ୍ରୀ ଦାସ, କମ୍ପାନୀ ଇନଚାର୍ଜ ଅରୂପ ମୈତ୍ରୀ, ଅନିତ ଲାଲ, ବିକ୍ରମ ସିଂ, ରୋହିତ ବାନାର୍ଜୀ, ଅଙ୍କିତା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ସଂଗ୍ରାମ କେଶରୀ ରାମ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ରବିନାରାୟଣ ବେହେରା, ରାକେଶ ସାହୁ, ପ୍ରାକ୍ତନ ଛାତ୍ରୀ ତଥା କର୍ମଚାରୀ ସୁନିତା ମୁଣ୍ଡା ବକ୍ତବ୍ୟ ରଖିଥିଲେ।

## ବ୍ରହ୍ମବରଦା ଅଞ୍ଚଳରେ ବାଲିମାଫିଆ ପୁଣି ସକ୍ରିୟ

**ବ୍ରହ୍ମବରଦା, ୧୦।୧୨(ସମିସ):**

ସୁଲପୁର ବ୍ଲକ ବ୍ରହ୍ମବରଦା ବେଆଇନ ବାଲିଘାଟରେ ତିନି ମାସ ତଳେ ପାଣିରେ ବୁଡ଼ି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟଣାରେ ଚାପା ଉତ୍ତେଜନା ଲାଗି ରହିଥିଲା। ଉକ୍ତ ବାଲି ଘାଟକୁ ବନ୍ଦ କରିବାକୁ ଲୋକଙ୍କୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ତିନିମାସ ନପୂରୁଣୁ ବାଲି ଘାଟକୁ ରାସ୍ତା କରାଯାଇ ବାଲି ଉଠାଯିବା ଘଟଣାକୁ ଗ୍ରାମର ମହିଳାମାନେ ଜୋରଦାର ବିରୋଧ କରିଥିଲେ। ରସଲପୁର ତହସିଲ ଅଧୀନରେ ଥିବା ବ୍ରହ୍ମବରଦା ଅଞ୍ଚଳ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ଜିଲ୍ଲାର ସର୍ବାଧିକ ବାଲି ଖାଦାନ ରସଲପୁର ତହସିଲ ବ୍ରହ୍ମବରଦା ଅଞ୍ଚଳରେ ରହିଛି। ବ୍ୟାପକ ବାଲି ଚୋରି ଯୋଗୁଁ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଛି। ବ୍ରହ୍ମବରଦା, ଚାନ୍ଦପୁର, କାକୁଡିକୁଦ, ଲଙ୍କାବାଲିସାହି, ଚଅପୋଇ ଏବଂ ଦେଉଳୀ ଭଳି ୬ଟି ବାଲି ଖାଦାନକୁ ଅନୁମତି ଦିଆଯାଇଥିବା ବେଳେ ବ୍ରହ୍ମବରଦା ଘାଟକୁ ୨୦୨୧ରେ ୧୨ ଲକ୍ଷ ଟଙ୍କାରେ ନିଲାମ ଦିଆଯାଇଥିଲା। ଗତ ଦୁଇ ବର୍ଷ ହେଲା ଉକ୍ତ ଘାଟଟିର ଭରଣ କରାଯାଉ ନଥିବା ବେଳେ ନିଲାମଧାରୀମାନେ ଚୋରାରେ ବାଲି ଉତ୍ତୋଳନ କରୁଛନ୍ତି। ପ୍ରଶାସନର ମାନଦଣ୍ଡକୁ ନ ମାନି ନିଜେ ମନମାନି କରୁଛନ୍ତି। ଯାହାଫଳରେ ସ୍ଥାନୀୟ ବାସିନ୍ଦା ଦୈନନ୍ଦିନ ନିତ୍ୟକର୍ମ ସ୍ନାନ, ଶୌଚ ହେବାକୁ ଯାଉଥିବା ବେଳେ ଅକାଳରେ ନୀରିହ ଜୀବନ ହାନି ଘଟୁଛି। ତିନି ମାସ ତଳେ ଜଣେ ଛାତ୍ର ସେକ୍ ଜଲାଲ ମହମ୍ମଦ (ବବ୍‌ଲୁ) ନଦୀକୁ ସ୍ନାନ କରିବାକୁ ଯାଇ ଗଭୀର ବାଲି ଗାଢରେ ଗୋଡ଼ ଖସିଯାଇ ପ୍ରାଣ ହରାଇଥିଲା। ଏବେ ଏକ କଳା ରଙ୍ଗର ବିଜେପି ଲୋଗୋ ଥିବା ସ୍କର୍ପିଓ ଉକ୍ତ ବାଲିଘାଟକୁ ଚଳାଚଳ କରୁଥିବା ନେଇ ଚର୍ଚ୍ଚା ପରିସରକୁ ଆସିଛି। ଏନେଇ ବରୀ ବିଜେପି ନେତା ଉମେଶ ଜେନା ଏହାକୁ ଖଣ୍ଡନ କରିଥିବା ବେଳେ ଅନ୍ୟପକ୍ଷରେ, ବେଆଇନ ବାଲିଘାଟ ବନ୍ଦ କରା ନଯାଏ ପୁଣି ରାଜରାସ୍ତା ରୋକ ହେବା ନେଇ ଗ୍ରମବାସୀ ଚେତାବନୀ ଦେଇଛନ୍ତି।

### ତିନିମାସ ପରେ ଚାଲିଲା ବେଆଇନ ବାଲିଘାଟ



